## ସଂକ୍ଷେପରେ

### ଜଗନ୍ନାଥ ମନ୍ଦିରରେ ଶ୍ରୀରାମ ନବମୀ ପୂଜା



ଜି.ଉଦୟଗିରି,୧୩।୪(ଡି.ଏନ.ଏ.): ଜି.ଉଦୟଗିରି ଜଗନ୍ନାଥ ମନ୍ଦିରରେ ଶନିବାର ଶ୍ରୀରାମ ନବମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି ସଭାପତି ବିନୋଦ ବିହାରୀ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଘୃତଯଜ୍ଞ ଓ ପୂଜାପାଠ କରାଯାଇଥିଲା। ପୁରୋହିତ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ, ସୁଧାଂଶୁ ଶେଖର ଆଚାର୍ଯ୍ୟ, ସଞ୍ଜୟ ଆଚାର୍ଯ୍ୟ, ପୂଜକ ଅଚ୍ୟୁତ ପଣ୍ଡା ହୋମ ଯଜ୍ଞ ଓ ପୂଜାପାଠ କରିଥିଲେ।

### ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ ଘଟଣା, ଡ୍ରାଇଭର ଗିରଫ

ବୁଗୁଡ଼ା,୧୩।୪(ଡି.ଏନ.ଏ.): ବୁଗୁଡ଼ା ଥାନା କରଚୁଲି ନିକଟସ୍ଥ ପାଣିଖିଆ ଶଙ୍ଖ କଲଭର୍ଟ ରାସ୍ତାରେ ଗୁରୁବାର ମଧାହ୍ନ ୧୨ଟାରେ ଏକ ଟ୍ରକ ଚାପାରେ ମହିଳାଙ୍କ ମୃତ୍ୟୁ ଘଟଣାରେ ବୁଗୁଡ଼ା ପୋଲିସ ଶନିବାର ଟ୍ରକ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଡ୍ରାଇଭର ହେଲେ ଓଡ଼ଗାଁ ଥାନା ବିରିଡ଼ିପଲ୍ଲୀର ଗୌତମ ପ୍ରଧାନ। ଏନେଇ ବୁଗୁଡ଼ା ଥାନାରେ ନଂ ୬୩/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ଉକ୍ତ ଦିନ ଭଗବାନପୁରର ମା' ଭାଗ୍ୟଲତା ପ୍ରଧାନଙ୍କୁ ନେଇ ପୁଅ ଚିତ୍ରସେନ ବାଇକ୍‌ରେ କରଚୁଲି ଯାଉଥିବା ବେଳେ କରଚୁଲି ନିକଟସ୍ଥ ପାଣିଖିଆ ଶଙ୍ଖ କଲଭର୍ଟ ପାଖରେ ଅଚାନକ ଭାଗ୍ୟଲତା ଓଲଟି ପଡ଼ିଥିଲେ। ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ ତାଙ୍କୁ ଚାପି ଦେଇଥିଲା। ଫଳରେ ଘଟଣାସ୍ଥଳରେ ଭାଗ୍ୟଲତାଙ୍କ ମୃତ୍ୟୁ ହୋଇଥିଲା । ଘଟଣାସ୍ଥଳରୁ ପୋଲିସ ଟ୍ରକ ଜବତ ମଧ କରିଥିଲା ।

### ବୃଦ୍ଧଙ୍କ ମୃତ୍ୟୁ ଘଟଣା, ବାପ, ପୁଅ ଗିରଫ

ବୁଗୁଡ଼ା,୧୩।୪(ଡି.ଏନ.ଏ.): ବୁଗୁଡ଼ା ଥାନା ଅନ୍ତର୍ଗତ ଟିକରପଡ଼ା ଗ୍ରାମରେ ଗୁରୁବାର ରାତିରେ ବାପ ପୁଅଙ୍କ ଆକ୍ରମଣରେ ପଡ଼ୋଶୀ ଘର ବୃଦ୍ଧଙ୍କ ମୃତ୍ୟୁ ଘଟଣାରେ ବୁଗୁଡ଼ା ପୋଲିସ ଶନିବାର ବାପ ପୁଅ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ଟିକରପଡ଼ା ଗ୍ରାମର ବାପା ଭିକାରୀ ସେଠୀ ଓ ପୁଅ କାହ୍ନୁ ସେଠୀ। ଏନେଇ ବୁଗୁଡ଼ା ଥାନାରେ ନଂ. ୬୪/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ଟିକରପଡ଼ା ଗ୍ରାମରେ ଗୁରୁବାର ରାତିରେ କାଶୀନାଥ ସେଠୀ, ଭିକାରୀ ସେଠୀ ଓ ପଡ଼ୋଶୀଙ୍କ ମଧରେ କୌଣସି କାରଣରୁ ଗାଳିଗୁଲଜ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଭିକାରୀ ଓ ପୁଅ କାହ୍ନୁ ମିଶି କାଶୀନାଥଙ୍କୁ ଧକ୍କା ଦେବା ଫଳରେ ସେ ପଡ଼ିଯାଇଥିଲେ ଏବଂ ତାଙ୍କ ମୁଣ୍ଡରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କୁ ତୁରନ୍ତ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ ୧୮ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

# ରଣାଙ୍ଗନରେ ୫୮ ପ୍ରାର୍ଥୀ

- ୧୭.୬୯ ଲକ୍ଷ ଭୋଟର
- ୧୯୪୬ ବୁଥ୍‌ରେ ହେବ ମତଦାନ
- ସମ୍ବେଦନଶୀଳ ବୁଥ୍ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା
- ୮ ପିଙ୍କ୍ , ୮୦ ମଡେଲ୍ ବୁଥ୍

ଛତ୍ରପୁର,୧୩।୪(ଡି.ଏନ.ଏ)

ଗଞ୍ଜାମ ଜିଲା ଆସିକା ଲୋକ ସଭା ଆସନ ଓ ୭ ବିଧାନସଭା ଆସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ୧୮ ତାରିଖରେ ଅନୁଷ୍ଠିତ ହେବ। ଆସିକା ଲୋକ ସଭା କ୍ଷେତ୍ର ମଧରେ ଆସିକା, ସୋରଡା, ହିଞ୍ଜିଳି, କବିସୂର୍ଯ୍ୟନଗର, ସାନଖେମୁଣ୍ଡି, ଖଲ୍ଲିକୋଟ ଓ ପୋଲସରା ବିଧାନସଭା ଆସନ ରହିଛି। କନ୍ଧମାଳ ଲୋକ ସଭା ଅଧୀନରେ ଭଞ୍ଜନଗର ବିଧାନସଭା ଆସନ ଅଛି। ଆସିକା ଲୋକ ସଭା ଆସନ ଏବଂ କନ୍ଧମାଳ ଲୋକ ସଭା ଆସନ ଅଧୀନ ଭଞ୍ଜନଗର ବିଧାନସଭା କ୍ଷେତ୍ରକୁ ମିଶାଇଲେ ଏଠାରେ ୮ ବିଧାନସଭା ଆସନ ପାଇଁ ୫୮ ଜଣ ପ୍ରାର୍ଥୀ ରହିଛନ୍ତି। ଆସିକା ଲୋକ ସଭା ଆସନରେ ୮ ପ୍ରାର୍ଥୀ ରହିଥିବା ବେଳେ ଭଞ୍ଜନଗର ବିଧାନସଭା ଆସନ ପାଇଁ ୬ ଜଣ, ପୋଲସରା ପାଇଁ ୯ ଜଣ, କବିସୂର୍ଯ୍ୟନଗର ପାଇଁ ୪ ଜଣ, ଖଲିକୋଟ ପାଇଁ ୬ ଜଣ, ଆସିକା ପାଇଁ ୬ ଜଣ, ସୋରଡା ପାଇଁ ୫ ଜଣ, ସାନଖେମୁଣ୍ଡି ପାଇଁ ୫ ଜଣ ଓ ହିଂଜିଳି ପାଇଁ ୯ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅଛନ୍ତି। ଆସିକା ଲୋକ ସଭା ଆସନ ପାଇଁ କଂଗ୍ରେସ ନିଜେ ପ୍ରାର୍ଥୀ ନ ଦେଇ ସିପିଆଇ ପ୍ରାର୍ଥୀଙ୍କୁ ସମର୍ଥନ କରୁଛି। ଉକ୍ତ ୮ ବିଧାନସଭା ଆସନରେ ମୋଟ ୧୭ ଲକ୍ଷ ୬୯ ହଜାର ୬୪ ଭୋଟର ରହିଛନ୍ତି। ସେଥିମଧରେ ୯ ଲକ୍ଷ ୩୫ ହଜାର ୫୯୧ ଜଣ ପୁରୁଷ, ୮ ଲକ୍ଷ ୩୩ ହଜାର ୩୪୨ ମହିଳା ଏବଂ ୧୩୧ ଅନ୍ୟ ଭୋଟର ଅଛନ୍ତି। ପୋଲସରାରେ ୨ ଲକ୍ଷ ୩୮ ହଜାର ୨୬୯ ଭୋଟର ରହିଥିବା ବେଳେ କବିସୂର୍ଯ୍ୟନଗରରେ ୨ ଲକ୍ଷ ୨୬ ହଜାର ୨୦୦ ଭୋଟର, ଖଲ୍ଲିକୋଟରେ ୨ ଲକ୍ଷ ୧୬ ହଜାର ୪୭୫ ଭୋଟର, ହିଞ୍ଜିଳିରେ ୬ ଲକ୍ଷ ୫୨ ହଜାର ୫୩୧ ଭୋଟର, ସାନଖେମୁଣ୍ଡିରେ ୨ ଲକ୍ଷ ୧୬ ହଜାର ୧୩୩ ଭୋଟର, ଭଞ୍ଜନଗରରେ ୨ ଲକ୍ଷ ୨୯ ହଜାର ୯୫୧ ଭୋଟର, ଆସିକାରେ ୧ ଲକ୍ଷ ୯୬ ହଜାର ୮୬୮ ଭୋଟର ଓ ସୋରଡା ବିଧାନସଭା ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୨୩ ହଜାର ୭୮୧ ଭୋଟର ରହିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ୧୯୪୬ ବୁଥ୍‌ରେ ଭୋଟ ଗ୍ରହଣ ହେବ। ସେଥିମଧ୍ରୁ ୩୪୮ବୁଥ୍ ସମ୍ବେଦନଶୀଳ ରହିଛି। ଭଞ୍ଜନଗରର ୨୫୯ ବୁଥ୍ ମଧରୁ ୪୦ ବୁଥ୍ ସମ୍ବେଦନଶୀଳ ରହିଥିବାବେଳେ ପୋଲସରାରେ ୨୬୩ରୁ ୩୬ ସମ୍ବେଦନଶୀଳ, ଖଲ୍ଲିକୋଟରେ ୨୩୯ ରୁ ୮୪ ବୁଥ୍, କବିସୂର୍ଯ୍ୟନଗରରେ୨୪୫ ରୁ ୩୩ ବୁଥ୍, ଆସିକାରେ ୨୦୯ ରୁ ୪୧ ବୁଥ୍, ସୋରଡାରେ ୨୫୪ ରୁ ୩୯ ବୁଥ୍, ସାନଖେମୁଣ୍ଡିରେ ୨୫୩ରୁ ୪୪ ବୁଥ୍ ଓ ହିଞ୍ଜିଳିରେ ୨୨୪ ରୁ ୩୧ ସମ୍ବେଦନଶୀଳ ବୁଥ୍ ଅଛି। ସମ୍ବେଦନଶୀଳ ବୁଥ୍‌ର ମନିଟରିଂ ପାଇଁ ୮୮ ମାଇକ୍ରୋ ଅବଜରଭର, ୨୧୩ ବୁଥ୍‌ରେ ୱେବକାଷ୍ଟିଂ, ୮୨ ବୁଥ୍‌ରେ ଭିଡିଓଗ୍ରାଫି ଓ ୮୪ ବୁଥ୍‌ରେ ଷ୍ଟିଲ୍ କ୍ୟାମେରା ବ୍ୟବସ୍ଥା କରାଯାଇଥିବା ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ୮ ପିଙ୍କ୍ ବୁଥ୍ କରାଯିବ ଏବଂ ସେଥିରେ କେବଳ ମହିଳା ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସର ରହିବେ। ସେଥିମଧ୍ୟରେ ପୋଲସରାର ସେକେଣ୍ଡାରୀ ଟ୍ରେନିଂ ସ୍କୁଲର ୨୦୭ ନଂ. ବୁଥ୍, କବିସୂର୍ଯ୍ୟନଗରର କୋଦଳା ଉଚ୍ଚ ପ୍ରାଥମିକ ସ୍କୁଲର ୨୦୬ ନଂ ବୁଥ୍, ଖଲ୍ଲିକୋଟର ଆଭାସ ଉଚ୍ଚ ପ୍ରାଥମିକ ସ୍କୁଲର ୮୨ ନଂ ବୁଥ୍, ହିଞ୍ଜିଳି ହାଇସ୍କୁଲର ନୂତନ କୋଠାର ୧୨୪ ନଂ. ବୁଥ୍, ସାନଖେମୁଣ୍ଡିର ମହାନାଳ ଉଚ୍ଚପ୍ରାଥମିକ ସ୍କୁଲର ୨୦୬ ନଂ. ବୁଥ୍, ଭଞ୍ଜନଗରର ଯୁବି ହାଇସ୍କୁଲର ୧୩୩ ନଂ. ବୁଥ୍, ଆସିକାର ସରକାରୀ ବାଳିକା ହାଇସ୍କୁଲର ୧୫୬ ନଂ. ବୁଥ୍ ଓ ସୋରଡାର ବେଲଗୁଣ୍ଠା ପଟେଲ ରୋଡ୍ ପ୍ରାଥମିକ ସ୍କୁଲର ୮୪ ନଂ. ବୁଥ୍ ରହିଛି। ୮୦ ମଡେଲ ବୁଥ୍ ମଧ କରାଯିବ। ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ୨ ଜଣ ସାଧାରଣ ପର୍ଯ୍ୟବେକ୍ଷକ, ଜଣେ ପୋଲିସ ପର୍ଯ୍ୟବେକ୍ଷକ, ୩ ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ, ୮ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ୨୪ ଫ୍ଲାଇଂ ସ୍କ୍ୱାଡ୍‌ର ମଧ ବ୍ୟବସ୍ଥା ହୋଇଛି। ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ୧୧ ତାରିଖରେ ଜିଲାର ବ୍ରହ୍ମପୁର ଲୋକ ସଭା ଆସନ, ୫ ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ ହୋଇସାରିଛି। ୨୦୧୪ ରେ ସାଧାରଣ ନିର୍ବାଚନ ଗଞ୍ଜାମ ଜିଲାରେ ଗୋଟିଏ ପର୍ଯ୍ୟାୟରେ ହୋଇଥିଲା।

■ ଗଞ୍ଜାମ ରେଳଷ୍ଟେଶନ

## ପାନୀୟ ଜଳ ମୁଖ୍ୟ ସମସ୍ୟା

ଗଞ୍ଜାମ,୧୩।୪(ଡି.ଏନ.ଏ.)

ଗଞ୍ଜାମ ରେଳ ଷ୍ଟେଶନରେ ବିଭିନ୍ନ ସମସ୍ୟା ଲାଗି ରହିଥିଲେ ମଧ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହି ଷ୍ଟେଶନରେ ପାନୀୟ ଜଳ ମୁଖ୍ୟ ସମସ୍ୟା। ୧୫ ଦିନରୁ ଊର୍ଦ୍ଧ୍ୱ ଦିନ ହେବ ଷ୍ଟେଶନରେ ଥିବା ଷ୍ଟାଣ୍ଡ ପୋଷ୍ଟଗୁଡ଼ିକରେ ପାଣି ଆସୁ ନ ଥିବା ଜଣାପଡ଼ିଛି। ଫଳରେ ଟ୍ରେନକୁ ଅପେକ୍ଷା କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଯାତ୍ରୀମାନେ ଆଉଟପାଉଟ୍ ହେଉଛନ୍ତି। ଏଥିସହିତ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀମାନେ ଏଠାରେ ବୋତଲରେ ପାଣି ଭରିବାକୁ ଓହ୍ଲାଇଥାନ୍ତି। କିନ୍ତୁ ପାଣି ଆସୁ ନ ଥିବା ଜାଣି ନିରାଶ ହୋଇ ଫେରୁଥିବା ଜଣାପଡ଼ିଛି। ଫଳରେ ଯାତ୍ରୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

**ଷ୍ଟାଣ୍ଡ ପୋଷ୍ଟରେ ଆସୁନି ପାଣି, ଯାତ୍ରୀ ହନ୍ତସନ୍ତ**



ରେଳ ଷ୍ଟେଶନ ଷ୍ଟାଣ୍ଡପୋଷ୍ଟ।

ଅନ୍ୟପଟେ ପ୍ଲାଟଫର୍ମରେ ସନ୍ଧ୍ୟା ହେବା ମାତ୍ରେ ନିଶାସକ୍ତଙ୍କ ଭିଡ଼ ଜମୁଛି। ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଷ୍ଟେଶନ ମାଷ୍ଟରଙ୍କୁ ପାଣି ଆସୁ ନ ଥିବା ବିଷୟରେ କେହି ଅଭିଯୋଗ କରିନାହାନ୍ତି। ତଥାପି ସମସ୍ୟା ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ସେ ସୂଚନା ଦେଇଛନ୍ତି ।

## ଛତ୍ରପୁରରେ ଖୋଲିବ କେନ୍ଦ୍ରୀୟ ବିଦ୍ୟାଳୟ

ଛତ୍ରପୁର,୧୩।୪(ଡି.ଏନ.ଏ)

ଚଳିତ ବର୍ଷ ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବ। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ଚିଠିରୁ ଏହା ଜଣାପଡିଛି।

ପ୍ରକାଶଯେ, ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମାର୍ଚ୍ଚ ୭ ତାରିଖରେ କେନ୍ଦ୍ର କ୍ୟାବିନେଟ୍‌ରେ ଅନୁମୋଦନ ପାଇଥିଲା। ଏହାପରେ ୮ ତାରିଖରେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ପ୍ରଶାସନିକ ମଂଜୁରୀ ମିଳିଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଜମି ଓ ପ୍ରଥମେ ପାଠ ପଢା ଆରମ୍ଭ ପାଇଁ ଅସ୍ଥାୟୀ କୋଠା ହସ୍ତାନ୍ତର କରିବା ଲାଗି ଜିଲାପାଳଙ୍କୁ ମାର୍ଚ୍ଚ ୧୫ ତାରିଖରେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ନିକଟରୁ ଚିଠି ଆସିଥିଲା। ୧୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ରହିଛି। ଏହା ସରିବା ପରେ ଆବଶ୍ୟକ କାଗଜପତ୍ର ପଠାଯିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗଣମାଧ୍ୟମକୁ ୧୦ ତାରିଖରେ ସୂଚନା ଦେଇଥିଲେ। ଅପରପକ୍ଷରେ ଭାଜପା ମଣ୍ଡଳ ସଭାପତି ପ୍ରଦୀପ ପାଢୀଙ୍କୁ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଆସିଷ୍ଟାଣ୍ଟ କମିଶନର ଜି. ବାନର୍ଜୀଙ୍କ ପକ୍ଷରୁ ଏ ସମ୍ପର୍କରେ ଏକ ଚିଠି (ନଂ. ୮୬/୮।୪।୧୯)ରେ ଆସିଛି। ଜିଲପାଳଙ୍କ ଚିଠିକୁ ଅପେକ୍ଷା କରାଯାଇଥିବା ଉକ୍ତ ଚିଠିରେ ଦର୍ଶାଯାଇଛି। ଏହାପରେ ଜିଲାପାଳଙ୍କୁ ଏ ସମ୍ପର୍କରେ ମଣ୍ଡଳ ସଭାପତି ପାଢୀ ଶନିବାର ଅବଗତ କରିଛନ୍ତି। ନିର୍ବାଚନ ସରିବା ପରେ ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ଜିଲପାଳ କହିଥିବା ମଣ୍ଡଳ ସଭାପତି ପାଢୀ ଏକ ପ୍ରେସ ବିବୃତିରେ ଶନିବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ଅସ୍ଥାୟୀ ଭାବେ ଅନସ୍ଲୋ ହାଇସ୍କୁଲରେ ଥିବା ଏକ ବିଲଡିଂରେ ଚାଲିବ। ଜିଲପାଳଙ୍କଠାରୁ ଜମି ଓ ଅସ୍ଥାୟୀ କୋଠା ହସ୍ତାନ୍ତର ନେଇ ପ୍ରଶାସନିକ ମଞ୍ଜୁରି ମିଳିବା ପରେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଆବେଦନଫର୍ମ ବିକ୍ରି ହେବ ବୋଲି ଜଣାପଡିଛି।

## ସ୍ୱାଧୀନ ପ୍ରାର୍ଥିନୀ ପ୍ରେମଶୀଳାଙ୍କ ପ୍ରଚାର

ଫିରିଙ୍ଗିଆ, ୧୩।୪

ନିର୍ବାଚନକୁ ଆଉ ମାତ୍ର ୫ ଦିନ ବାକି ରହିଛି। ପ୍ରମୁଖ ଦଳର ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି। ବିଚାର କଲେ ସ୍ୱାଧୀନ ପ୍ରାର୍ଥୀ ମଧ କମ୍‌ରେ ନାହାନ୍ତି। ଅଧିକ ଗାଡି ଘୋଡାରେ ପ୍ରଚାର କରୁ ନ ଥିଲେ ମଧ ଦିନ ରାତି ନିଜେ ଲୋକଙ୍କୁ ଭେଟି ନିଜ ସମର୍ଥନରେ ଭୋଟ ଭିକ୍ଷା କରୁଛନ୍ତି ଫୁଲବାଣୀ ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥିନୀ ପ୍ରେମଶୀଳା ଝାଙ୍କର। କେଲାପଡା ସରପଞ୍ଚ ପ୍ରେମଶୀଳା ଚଳିତ ସାଧାରଣ ନିର୍ବାଚନରେ ଯେଉଁଭଳି ପ୍ରଚାର ଚଳାଇଛନ୍ତି ତାହା କୌଣସି ଦଳୀୟ ପ୍ରାର୍ଥୀଙ୍କଠାରୁ ଦେଖିବାକୁ କମ୍ ନୁହେଁ। ଲୋକଙ୍କ ପାଖକୁ ଯାଇ ରାଜନୈତିକ ଦଳରୁ ଊର୍ଦ୍ଧ୍ୱକୁ ଆସି ଉନ୍ନତି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ଭୋଟଭିକ୍ଷା କରୁଛନ୍ତି। ଏହି ଅବସରରେ ପ୍ରେମଶୀଳା କହିଛନ୍ତି ଖାଲି ରାଜନୈତିକ ଦଳରେ ରହି ଜଣେ ବିଧାୟକ ଭାବେ ନିର୍ବାଚିତ ହେଲେ ସବୁ କିଛି କରିଦେବ ତାହା ନୁହେଁ। ଜଣେ ସ୍ୱାଧୀନ ଭାବେ ମଧ ନିର୍ବାଚନ ଜିତି ଲୋକଙ୍କ ସେବା କରିପାରିବ।



ପ୍ରେମଶୀଳା ପ୍ରଚାର କରୁଛନ୍ତି।

## ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

ଜି.ଉଦୟଗିରି,୧୩।୪(ଡି.ଏନ.ଏ.)

ଜି.ଉଦୟଗିରିରେ ଶୁକ୍ରବାର ବିଜୁ ଜନତା ଦଳର ବିଧାନସଭା ପ୍ରାର୍ଥୀ ସାଲୁଗା ପ୍ରଧାନ ବ୍ୟବସାୟୀ ସଂଘ କର୍ମୀମାନଙ୍କୁ ନେଇ ଏକ ବୈଠକ କରିବା ପରେ ବଜାର ଛକରେ ନିର୍ବାଚନ ପ୍ରଚାର କରିଥିଲେ। ତାଙ୍କ ସହିତ ଜିଲା ବିଜୁ ଜନତା ଦଳ ସଭାପତି ସରୋଜ କୁମାର କର୍ଣ୍ଣ, ନଗର ସଭାପତି କ୍ରିଷ୍ଣା କୁମାର ପଣ୍ଡା, ଜିଲା ସମ୍ପାଦକ କାଲୁ ଚରଣ ପଣ୍ଡା, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ପି. ସଞ୍ଜୀବ କୁମାର ପାତ୍ର, ପୂର୍ବତନ ଉପାଧ୍ୟକ୍ଷା ଭାନୁପ୍ରଭା ମିଶ୍ର, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ଜାଲିନା ପ୍ରିୟଦର୍ଶିନୀଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସାଲୁଗା ବଜାର ଛକରେ ଅନେକ ବୁଦ୍ଧିଜୀବୀ ଓ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ନିକଟକୁ ଯାଇ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ଶନିବାର ସନ୍ଧ୍ୟାରେ ମଧ ଘର ଘର ବୁଲି ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ରହିଥିବା ନଗର ସଭାପତି ପଣ୍ଡା କହିଛନ୍ତି ।

■ ଗାଲେରୀ ମେରୁଯାତ୍ରା

## ୩୦ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼

ଭଞ୍ଜନଗର,୧୩।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ପ୍ରସିଦ୍ଧ ଦଣ୍ଡଯାତ୍ରାର ମାସାନ୍ତ ମେରୁଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଗାଲେରୀ ମେରୁଯାତ୍ରାରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଏହାକୁ ନିୟନ୍ତ୍ରଣ କରିବାକୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିଭଳି ଡୁଡୁଆ, ଗାମୁଣ୍ଡି, ମୁଜାଗଡ଼ ପ୍ରମୁଖ ମେରୁଯାତ୍ରାରେ ଲୋକଙ୍କ ଭିଡ଼ ଦେଖବାକୁ ମିଳିଥିଲା।



ଗାଲେରୀ ମେରୁଯାତ୍ରାରେ ଲୋକଙ୍କ ଭିଡ଼।

## ଭାଜପାର ମିଶ୍ରଣ ପର୍ବ

ଫୁଲବାଣୀ ଅଫିସ, ୧୩।୪

କିଛି ଦିନ ତଳେ ଭାଜପା ଛାଡିଥିବା ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟନାରାୟଣ ବେହେରା ଶନିବାର ସମର୍ଥକଙ୍କ ସହ ପୁଣି ଦଳରେ ଯୋଗ ଦେଇଛନ୍ତି। ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣପର୍ବରେ ବେହେରା କହିଛନ୍ତି, ଭାରତ ବର୍ଷରେ ଦ୍ୱିତୀୟ ଥର ମୋଦିଙ୍କୁ ପ୍ରଧାନମନ୍ତ୍ରୀ ରୂପେ ଅବସ୍ଥାପିତ କରିବା ପାଇଁ ମୁଁ ନେଇଥିବା ନିଷ୍ପତ୍ତିକୁ ପରିବର୍ତ୍ତନ କରିଛି। ଏଥିରେ ଭାଜପା ଜିଲା ସଭାପତି ଲିଙ୍ଗରାଜ ଦଳ ବେହେରା, ସାଧାରଣ ସମ୍ପାଦକ ଭଗବାନ ମହାନ୍ତି ଓ ତପନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଉପ କାରାଗାରରେ ରାମ ନବମୀ

ଫୁଲବାଣୀ ଅଫିସ, ୧୩।୪

ଫୁଲବାଣୀ ଉପକାରାଗାର ପରିସରରେ ଶନିବାର ରାମ ନବମୀ ପାଳିତ ହୋଇଯାଇଛି। କାରାଗାର ପରିସରରେ ଥିବା ମହାବୀର ହନୁମାନଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହ ହନୁମାନ ଚାଳିଶା ପାଠ କରାଯାଇଥିଲା। ଶୁକ୍ରବାର କଳସ ଶୋଭାଯାତ୍ରା ମଧ ହୋଇଥିଲା। କାରାଗାର କର୍ମଚାରୀ ସଭାପତି ଅନସୂୟା ଜେନା, ସୁବାସ ରାଉତ, ସନ୍ତୋଷ କୁମାର ସେଠୀ, ଅଜୟ କୁମାର ଗୁରୁଙ୍କ ପତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ହୋଇଥିଲା। ହଜାରରୁଊର୍ଦ୍ଧ୍ୱଭକ୍ତ ପ୍ରସାଦ ସେବନ କରିଥିଲେ।

■ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍ ଶେଷ

## ଜାତୀୟସ୍ତରରେ ଖେଳିବେ ମନୀଷ, ସ୍ୱୟଂ, ଡୋଲିସିଆସ, ଯଶିତା

ଫୁଲବାଣୀ ଅଫିସ, ୧୩।୪

ଜିଲା ସଂସ୍କୃତି କେନ୍ଦ୍ର ଫୁଲବାଣୀରେ ଗୁରୁବାର ଆରମ୍ଭ ହୋଇଥିବା ୧୩ ବର୍ଷରୁ କମ୍ ବାଳିକା ବାଳକ ଚେସ୍ ଚାମ୍ପିୟନଶିପ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ବାଳକ ବିଭାଗରୁ ମନୀଷ କୁମାର ଓ ସ୍ୱୟଂ ଲକ୍ଷ୍ମୀଦତ୍ତ, ଡି. ସାବତ, ବାଳିକା ବିଭାଗରେ ଡୋଲିସିଆସ ଦାସ ଏବଂ ଯଶିତା ରାଉତ ପ୍ରଥମ ହୋଇ ଜାତୀୟସ୍ତରରେ ଖେଳିବାକୁ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତା ମେ ୪ରୁ ୧୨ତାରିଖ ପର୍ଯ୍ୟନ୍ତ ବିଶାଖାପାଟଣାରେ ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ଜିଲାରୁ ୬୦ ଜଣ ପ୍ରତିଯୋଗୀ ଏହି ପ୍ରତିଯେଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ବାଳିକା ୧୯ ଓ ବାଳକ ୪୯ ଜଣ ଥିଲେ। ପ୍ରତିଯୋଗୀଙ୍କ ମଧ୍ୟରେ ମୋଟ ୭ ରାଉଣ୍ଡ ଖେଳ ହୋଇଥିଲା। ସୁରେଶ ଚନ୍ଦ୍ର ସାହୁ ଓ ସନ୍ତୋଷ କୁମାର ମହାପାତ୍ର ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ରଞ୍ଜନ କୁମାର ମହାଳିକ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର, ଜିଲା ସଭାପତି କେ. ଜ୍ଞାନ କୁମାର ଦୋରା, ସମ୍ପାଦକ ବିଜୟ ମହାନ୍ତି, କାର୍ଯ୍ୟକାରୀ ସଭାପତି ଅରୁପ ଜେନା, ଜିଲା ମଙ୍ଗଳ କମିଟି ଅଧ୍ୟକ୍ଷ ଅଶୋକ କୁମାର ବେହେରା ପ୍ରମୁଖ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।



# ସଂକ୍ଷେପରେ

## ୩ ବଖରା ଜଳିଗଲା

**ଜଗନ୍ନାଥପ୍ରସାଦ,୧୩ା୪(ଡି.ଏନ୍.ଏ.):** ଆଙ୍କାପ୍ରସାଦ ଗ୍ରାମରେ ଶନିବାର ସନ୍ଧ୍ୟା ସାଢ଼େ ୫ଟାରେ ଅଗ୍ନିକାଣ୍ଡ ଘଟି ୩ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ବହୁ ଆସବାବ ପତ୍ର ପୋଡି ଯାଇଛି। ଗ୍ରାମବାସୀଙ୍କ ସୂଚନା ଅନୁସାରେ ପ୍ରଥମେ ନବେଇ ପ୍ରଧାନଙ୍କ ଘରେ ଭଡାରେ ରହୁଥିବା ଡ୍ରାଇଁ ସୁରେଶ ପ୍ରଧାନଙ୍କ ଘର ବାରିପଟ ଚୁଲିରୁ ନିଆଁ ବାହାରି ଘରକୁ ଲାଗିଥିବା ରମେଶ ମାଝୀ, ହାଡିୟା ପ୍ରଧାନଙ୍କ ଛପର ଘର ଜଳିଯାଇଥିଲା। ୩ ଘରେ କେହି ନ ଥିବା ଦେଖି ଗ୍ରାମବାସୀ ଉକ୍ତ ଘର କବାଟ ଭାଙ୍ଗି ଆସବାବ ପତ୍ର ଉଦ୍ଧାର କରିଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏ ନେଇ ତହସିଲଦାରଙ୍କୁ ଅବଗତ କରାଯାଇଥିଲା। ସରପଞ୍ଚ ଦେବୀପ୍ରସାଦ ମହାପାତ୍ର ନିଜ ସକ୍ଷମ ଅନୁଯାୟୀ ସହାୟତା କରିବେ ବୋଲି କହିଛନ୍ତି।

## ଗୋଦାମରେ ଅଗ୍ନିକାଣ୍ଡ

**ବେଗୁନିଆପଡ଼ା,୧୩ା୪(ଡି.ଏନ୍.ଏ.):** ବେଗୁନିଆପଡ଼ା ଫାଣ୍ଡି କଞ୍ଚଣା ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଶର୍ଟ ସର୍କିଟ ଘଟି ସନ୍ତୋଷ ମହାନ୍ତିଙ୍କ ଏକ ବିସ୍କୁଟ ଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ଜିନିଷ ଜଳିଯାଇଛି। ଖବର ପାଇ କୋଦଳା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆକୁ ଆୟତ୍ତ କରିଥିଲା।

## ସାନଖେମୁଣ୍ଡିରେ ନିର୍ବାଚନୀ ପ୍ରଚାର ଜୋରଦାର

**ଦିଗପହଣ୍ଡି,୧୩ା୪(ଡି.ଏନ.ଏ.):** ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ଆସନ୍ତା ୧୮ ତାରିଖରେ ହେବାକୁ ଥିବା ନିର୍ବାଚନରେ ଭୋଟ ପାଇଁ ପ୍ରାର୍ଥୀମାନେ ଗାଁକୁ ଗାଁ ବୁଲି ପ୍ରଚାରକୁ ଜୋରଦାର କରିଛନ୍ତି। ଜିଲାର ଅତ୍ୟନ୍ତ ସମ୍ବେଦନଶୀଳ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ଜେନା ଶନିବାର ଶତାଧିକ ଦଳୀୟ କର୍ମୀଙ୍କ ଗହଣରେ ଟି.ଗୋବିନ୍ଦପୁର, ପୋଡ଼ାମାରି, ସିଙ୍ଗପୁର, ଆମ୍ବଗାଁ, ମଳାଭଞ୍ଜା ଆଦି ପଞ୍ଚାୟତରେ ମାରାଥନ ନିର୍ବାଚନ ପ୍ରଚାର କରି ଭୋଟ ଭିକ୍ଷା କରିଥିଲେ। ସେହିପରି ବିଜେଡି ବିଧାୟକ ପ୍ରାର୍ଥିନୀ ନନ୍ଦିନୀ ଦେବୀ ସାନଖେମୁଣ୍ଡି ବ୍ଲକ ଅଧୀନ ଏରେଣ୍ଡ୍ରା, କଉଡ଼ିଆ, କଙ୍କୋରଡ଼ା, ଖଲିଙ୍ଗୀ, ଆଡ଼ପଡ଼ା ପଞ୍ଚାୟତରେ ପହଞ୍ଚି ପ୍ରଚାର କରିଥିଲେ। ଭାଜପା ପ୍ରାର୍ଥୀ ବିଜୟ କୁମାର ସ୍ୱାଇଁ ତାଙ୍କ ସମର୍ଥକଙ୍କ ସହ ଗଙ୍ଗାପୁର, ଏସ୍.ଗୋପାଳପୁର, ନରସିଂହଗଡ଼, ଜିଉରା, ପାଟପୁର ଆଦି ବିଭିନ୍ନ ପଞ୍ଚାୟତରେ ଘନଘନ ନିର୍ବାଚନ ପ୍ରଚାର କରିଥିଲେ।

## ଶ୍ରୀରାମ ନବମୀ ଉତ୍ସବ

**ଆସିକା,୧୩ା୪(ଡି.ଏନ୍.ଏ.):** ଆସିକା ସହର ତଥା ଗ୍ରାମାଞ୍ଚଳରେ ଶନିବାର ଶ୍ରୀରାମ ନବମୀ ଉତ୍ସବ ବିପୁଳ ପାଳିତ ହୋଇଥିଲା। ଭୋରରୁ ବିଭିନ୍ନ ସ୍ଥାନରେ ଥିବା ରଘୁନାଥ ମନ୍ଦିର ଓ ହନୁମାନ ମନ୍ଦିରରେ ଉପବାସଧାରୀ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଧ୍ୟାହ୍ନରେ ମନ୍ଦିର ପରିସରରେ ପୂଜା, ହୋମ, ଆଳତୀ କରାଯାଇ ଏହି ଉତ୍ସବ ପାଳିତ ହୋଇଥିଲା। ଆସିକା ସହରର ସୁନାମ୍ବ ସାହି, କଳିଙ୍ଗା ରୋଡ, ଲଛମନପଲ୍ଲୀ ଓ ରଘୁନାଥନଗର ଠାରେ ଥିବା ରଘୁନାଥ ମନ୍ଦିର, ଆସିକା ଜେଲ୍, ଅଶୋକା ସିନେମା ଛକ ଠାରେ ଥିବା ଶ୍ରୀହନୁମାନଙ୍କ ମନ୍ଦିରରେ ମଧ ଏହି ଉତ୍ସବ ଶ୍ରଦ୍ଧାଳୁଙ୍କ ସମାଗମରେ ପାଳିତ ହୋଇଥିଲା।

## ସୋରଡ଼ାରେ ମାସାନ୍ତ ଯାତ୍ରା, ଅଗ୍ନିଦଣ୍ଡ



ସୋରଡ଼ା,୧୩ା୪(ଡି.ଏନ୍.ଏ.)-ସୋରଡ଼ାରେ ଗତ ୨ତାରିଖରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ଦଣ୍ଡଯାତ୍ରାର ଶନିବାର ଶେଷ ଦିବସ ତଥା ମାସାନ୍ତ ଯାତ୍ରାରେ ବଡ଼ଦାଣ୍ଡ ରଥପଦାଠାରେ ଅଗ୍ନିଦଣ୍ଡ ଅନୁଷ୍ଠିତ ହୋଇଯାଇଛି। ଗଣିଛକଠାରୁ ଶୋଭାଯାତ୍ରା ବାହାରି ରଥପଦାଠାରେ ପହଞ୍ଚି ଦଣ୍ଡ ପ୍ରଦର୍ଶନ କରିଥିଲେ। ଅପରାହ୍ନରେ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ବହୁ ଭକ୍ତ ଏଥିରେ ଯୋଗ ଦେଇଥିଲେ। ବଡ଼ କାଳୀ ମନ୍ଦିର ପରିସରରେ ଆଳତି ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା। ରାତିରେ ଠାକୁରଙ୍କୁ ଆଲୋକମାଳାରେ ସଜ୍ଜାଯାଇ ନଗର ପରିକ୍ରମା କରାଯାଇଥିଲା। ପରମ୍ପରା ଅନୁସାରେ ବଡ଼ଦାଣ୍ଡ ରଥପଦାଠାରେ ବଡ଼ପୁଞ୍ଜା, ବଡ଼ଦାଣ୍ଡ ମଧ ସ୍ଥଳରେ ସାନପୁଞ୍ଜା ଏବଂ ଆଡପମଣ୍ଡପରେ ମଝିଆ ପୁଞ୍ଜାର ଦଣ୍ଡ ପ୍ରଦର୍ଶନ ହୋଇଛି।

# ପ୍ରାକ୍ ନିର୍ବାଚନୀ ହିଂସା, ୪ ବାଇକ୍ ଭଙ୍ଗାରୁଜା

**ପୋଲସରା,୧୩ା୪(ଡି.ଏନ.ଏ.)**

ପୋଲସରା ଥାନା ବେଲଗାଁ ପଞ୍ଚାୟତ ଡିମ୍ବିରିଆ ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ନିର୍ବାଚନକୁ ନେଇ ଏକ ଦୁର୍ଘଟଣା ଘଟିଛି। ଏ ନେଇ ଆକ୍ରମଣ ଶିକାର ହୋଇଥିବା କାମାକ୍ଷା ପ୍ରସାଦ ସାହୁ ଏସ୍‌ଡିପିଓ ନିମାଇଁ ଚରଣ ସେଠୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗକାରୀଙ୍କ ଏତଲାନୁସାରେ ବେଲଗାଁରେ ଜଣେ ଯୁବକ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ କାର୍ଯ୍ୟକ୍ରମକୁ କିଛି ବାଇକ୍ ନେବା ପାଇଁ କହିଥିଲେ। ଏଥିରେ କାମାକ୍ଷା ମନାକରିଥିଲେ। ତେଣୁ ସମ୍ପୃକ୍ତ ଯୁବକମାନେ କେତେକ ଯୁବକଙ୍କୁ ସାଙ୍ଗରେ ନେଇ ୪ଟି ବାଇକ୍ ଭଙ୍ଗାରୁଜା କରିବା ସହ ଆକ୍ରମଣ କରିଥିଲେ। ଉକ୍ତ ଘଟଣା ନେଇ କାମାକ୍ଷା ଶନିବାର ଥାନାରେ ଏତଲା ଦେଇଥିଲେ। ଏତଲା ପ୍ରଦାନ ବେଳେ ଭାଜପା ଏମ୍‌ପି ପ୍ରାର୍ଥୀ ଅନୀତା ଶୁଭଦର୍ଶିନୀ, ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ତେବେ ଖବର ଲେଖାହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନ ଥିଲା।



ଭାଙ୍ଗି ପଡ଼ିଥିବା ୪ ବାଇକ୍।

## ଭାଜପାର ବାଇକ୍ ଶୋଭାଯାତ୍ରା

**ସୋରଡ଼ା,୧୩ା୪(ଡି.ଏନ୍.ଏ.)**

ଭାଜପା ପ୍ରାର୍ଥୀ ନୀଳମଣି ବିଷୋୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ପଣ୍ଡାଙ୍କ ନେତୃତ୍ୱରେ ଶନିବାର ବିଶାଳ ବାଇକ୍ ଶୋଭାଯାତ୍ରା ହୋଇଛି। ବଡ଼ଗଡ଼, ସିଦ୍ଧପୁର, ରାଇବନ୍ଧ, ଗାଙ୍ଗପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରାଯାଇଛି। ରାଜ୍ୟରେ ପରିବର୍ତ୍ତନର ଆଭାସ ମିଳୁଥିବା ବେଳେ ରାଜ୍ୟ ସରକାର ବଦଳାଇ ଭାଜପାକୁ ଭୋଟ ଦେବାକୁ କୁହାଯାଇଥିଲା। ଜିଲା କାର୍ଯ୍ୟକାରିଣୀ ରାଧା ମୋହନ ସ୍ୱାଇଁ, ବରିଷ୍ଠ ନେତା ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ■ ନିର୍ବାଚନବେଳେ ଗଣ୍ଡଗୋଳ ଘଟଣା

## ଥାନାରେ ମାମଲା, ଗ୍ରାମରେ ପୋଲିସ ମୁତୟନ

**ଗୋପାଳପୁର,୧୩ା୪**

ଗତ ୧୧ ତାରିଖ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଦାନ ବେଳେ ଗୋଳନ୍ଥରା ଥାନା କୋଠାରସିଂ ଗ୍ରାମରେ ବିଜେଡି ଓ ଭାଜପା ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣାରେ ୫ ଜଣ ଆହତ ହୋଇଥିଲେ। ଏନେଇ ଗୋଳନ୍ଥରା ଥାନାରେ ୨ଟି ମାମଲା ରୁଜୁ କରାଯାଇଛି। ଉଭୟ ପକ୍ଷଙ୍କ ମଧ୍ୟରେ ଛକାପଞ୍ଝା ଚାଲିଥିବାରୁ ଗାଁରେ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି।

ପ୍ରକାଶ ଯେ, କୋଠାରସିଂ ଗ୍ରାମରେ ମତଦାନ ବେଳେ କୌଣସି କାରଣକୁ ନେଇ ବିଜେଡି ଓ ଭାଜପା ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ୫ ଜଣ ଆହତ ହୋଇଥିଲେ। ପୋଲିସ ପହଞ୍ଚି ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବର୍ତ୍ତମାନ ଗ୍ରାମରେ ଦୁଇ ଗୋଷ୍ଠୀ ସମର୍ଥକଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଶୁକ୍ରବାର ରାତିରେ ଗୋଳନ୍ଥରା ଥାନାରେ ଡି. ମୁନିଙ୍କ ଅଭିଯୋଗ କ୍ରମେ ନଂ.୧୦୫/୧୯ ଓ ଏନ. ନବୀନ ରେଡ୍ଡୀଙ୍କ ଅଭିଯୋଗ କ୍ରମେ ନଂ.୧୦୬/୧୯ରେ ମାମଲା ରୁଜୁ ହୋଇଛି। ଏନେଇ ବ୍ରହ୍ମପୁର ସଦର ଏସଡିପିଓ ଜୟନ୍ତ କୁମାର ମହାପାତ୍ରଙ୍କ ସହ ଯୋଗାଯୋଗ କରିବାରୁ, ତଦନ୍ତ ଚାଲିଛି, ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି କହିଥିଲେ।

### ■ ବ୍ରହ୍ମପୁରରେ ପୁଣି ଫୁଟିଲା ବୋମା

## ଜଣେ ଆହତ, ଅଞ୍ଚଳରେ ଚାଞ୍ଚଲ୍ୟ

**ବ୍ରହ୍ମପୁର ଅଫିସ୍,୧୩ା୪**

ଶନିବାର ରାତି ପ୍ରାୟ ୧୦ ଟା ବେଳେ ବିଜିପୁର ଅମ୍ବିକାନଗରଠାରେ ବୋମାମାଡ଼ ହୋଇଛି। ଦୁର୍ବୃତ୍ତମାନେ ଜଣେ ଯୁବକକୁ ଟାର୍ଗେଟ କରି ବୋମାମାଡ଼ କରିଛନ୍ତି । ଏଥିରେ ମନୋଜ ବେହେରା ଆହତ ହୋଇଥିବା ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି କହିଛନ୍ତି। ମନୋଜ ବାଇକ୍‌ରେ ଯାଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଉପରେ ବୋମାମାଡ଼ କରିଥିଲେ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୋମାମାଡ଼ ହୋଇଥିବା ପତି କହିଛନ୍ତି । ଆହତ ମନୋଜଙ୍କୁ ପୋଲିସ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡ଼ିକାଲକୁ ପଠାଇଛି । ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ବୋଲି ଏସ୍‌ଡିପିଓ ପତି କହିଛନ୍ତି । ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ବ୍ଲକିଂ କରାଯାଇଛି ।

### ■ ହିଞ୍ଜିଳିକାଟୁ ନିର୍ବାଚନମଣ୍ଡଳୀ

## ଭାଜପା ପାଇଁ ପ୍ରଚାର କଲେ ବାବୁସାନ୍



ଭାଜପା ପ୍ରାର୍ଥୀଙ୍କ ସହ ପ୍ରଚାର କରୁଛନ୍ତି ବାବୁସାନ୍।

**ହିଞ୍ଜିଳିକାଟୁ,୧୩ା୪(ଡି.ଏନ୍.ଏ.)**

ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଅଭିନେତା ବାବୁସାନ ଶନିବାର ଗ୍ରସ୍ତ କରି ଭାଜପା ପାଇଁ ପ୍ରଚାର କରିଛନ୍ତି। ମଧ୍ୟାହ୍ନରେ ବାବୁସାନ ଶେରଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳ ଗ୍ରସ୍ତକରି ରୋଡ଼ ଶୋ କରିଥିଲେ। ପରେ ହିଞ୍ଜିଳିକାଟୁ ବ୍ଲକର ରଙ୍ଗୁଣୀପଲୀ, ବଡ଼ଖଣ୍ଡି, କଞ୍ଚୁରୁ, ଦୁର୍ବନ୍ଧ, ଗଣ୍ଡଳା, ବେଲଗାଁ, ଧୋବାଡ଼ି, ପାଟପୁର, ବାଳକୃଷ୍ଣପୁର, ନନ୍ଦିକ, ରାଳବ, ଶିକିରି ଓ ହିଞ୍ଜିଳିକାଟୁ ମ୍ୟୁନିସପାଲିଟିରେ ରୋଡ଼ ଶୋ କରି ଭାଜପାକୁ ଭୋଟ ଦେବାକୁ ନିବେଦନ କରିଥିଲେ। ରୋଡ଼ ଶୋ'ରେ ବାବୁସାନଙ୍କ ସହ ଆସିକା ଲୋକସଭା ପ୍ରାର୍ଥିନୀ ଅନିତା ଶୁଭଦର୍ଶିନୀ, ହିଞ୍ଜିଳିକାଟୁ ବିଧାନସଭା ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ, ଦେବାନନ୍ଦ ମହାପାତ୍ର, ମାଧବ ଗୌଡ, ରାମକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର

**ଖଲ୍ଲିକୋଟ,୧୩ା୪(ଡି.ଏନ.ଏ.)**

ଖଲ୍ଲିକୋଟ ନିର୍ବାଚନମଣ୍ଡଳୀ ଖଲ୍ଲିକୋଟ ବ୍ଲକର ତିନୋଟି ପଞ୍ଚାୟତରେ ଶନିବାର ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର ହୋଇଛି। ଖଲ୍ଲିକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟିକା ପ୍ରାର୍ଥିନୀ ସୂର୍ଯ୍ୟମଣି ବୈଦ୍ୟଙ୍କ ପାଇଁ ଦଳୀୟ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ବାହାରି କେଶପୁର, ଶ୍ରୀକୃଷ୍ଣଶରଣପୁର ଓ କନକା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଆସନ୍ତା ୧୮ରେ ହେବାକୁ ଥିବା ନିର୍ବାଚନରେ ବିଜେଡିକୁ ଭୋଟ ଦେଇ ବିଜୟୀ କରିବା ପାଇଁ ପ୍ରଚାର କରିଥିଲେ। ପ୍ରଚାରରେ ବିଜେଡି ନେତା ଭ୍ରମର ଦଳେଇ, ରାମଚନ୍ଦ୍ର ପାହାନ, ଭିକାରି ପ୍ରଧାନ, ଆନନ୍ଦ ଦଳେଇ, ମିଟୁ ପରିଡ଼ା, ସୁଶାନ୍ତ ତରେଇ, କୈଳାସ ପାହାନଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ଥିଲେ।

## କଂଗ୍ରେସରେ ଯୋଗଦେଲେ ବିଜେଡି କର୍ମୀ



ଆମ୍ବଗାଁରେ କଂଗ୍ରେସ ପ୍ରାର୍ଥୀଙ୍କ ଶୋଭାଯାତ୍ରାରେ ସରପଞ୍ଚ ସାମିଲ।

**ଦିଗପହଣ୍ଡି,୧୩ା୪(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ବିଜେଡି ସମର୍ଥିତ ଆମ୍ବଗାଁ ପଞ୍ଚାୟତ ସରପଞ୍ଚ ଉଷା ନାୟକ ବହୁ ସମର୍ଥକଙ୍କ ସହ ଶନିବାର କଂଗ୍ରେସରେ ସାମିଲ ହୋଇଥିବା ଘୋଷଣା କରିଛନ୍ତି। ସାନଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ସିପିଆଇ, ସିପିଆଇଏମ୍ ସମର୍ଥିତ କଂଗ୍ରେସ ପ୍ରାର୍ଥୀ ରମେଶ ଚନ୍ଦ୍ର ଜେନା ଆମ୍ବଗାଁ ଛକରେ ପହଞ୍ଚିବା ପରେ କଂଗ୍ରେସ କର୍ମୀମାନେ ବାଜା, ବାଣ ଫୁଟାଇ ଗ୍ରାମ ପରିକ୍ରମା କରାଇଥିଲେ। ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ଯୁବକଂଗ୍ରେସ ସଭାପତି ଚିନ୍ମୟ କୁମାର ହୋତା, ଦିଗପହଣ୍ଡି ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଚରଣ ପାତ୍ର, ଜୟରାମ ଦୋରା ପ୍ରମୁଖ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ନିର୍ବାଚନୀ ପ୍ରଚାର ଶୋଭାଯାତ୍ରାରେ ସାମିଲ ଥିଲେ।

## ଜଗନ୍ନାଥପ୍ରସାଦରେ ପ୍ରଦ୍ୟୁମ୍ନଙ୍କ ପ୍ରଚାର

**ଜଗନ୍ନାଥପ୍ରସାଦ,୧୩ା୪(ଡି.ଏନ୍.ଏ.)**

ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ ଶୁକ୍ରବାର ଜଗନ୍ନାଥପ୍ରସାଦ ବ୍ଲକରେ ନିର୍ବାଚନୀ ପ୍ରଚାର କରିଛନ୍ତି। ଖାଡ଼ଭୂମି, ଜରିପଲ୍ଲୀ, ତାମନାଡ଼ ଗୋଛାବାଡ଼ି, ଗଣ୍ଡାଧାର, ହରିପୁର, ଚିକିଲି ଗ୍ରାମରେ ବୁଲି ପ୍ରଚାର ସହ ସେ ଭୋଟ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ମେଡିକାଲ ସାମ୍ନାରେ ଆୟୋଜିତ ଏକ ନିର୍ବାଚନୀ ସଭା ମଞ୍ଚରେ ନାୟକଙ୍କ ସମେତ ପୁରୁଖା ନେତା ବିନାୟକ ତ୍ରିପାଠୀ, ରାଜ୍ୟ କୃଷକ ଭାଜପା ସଭାପତି ପ୍ରଦୀପ ସାହୁ, ମଣ୍ଡଳ ସଭାପତି ଅମୂଲ୍ୟ ପ୍ରଧାନ, କବିସୂର୍ଯ୍ୟ ବେହେରା, ମହେନ୍ଦ୍ର କୁମାର ପଣ୍ଡା, ତାପସ ପ୍ରଧାନ, ଗଣେଶ ପାଣିଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ। ନାୟକ ଅଞ୍ଚଳରେ ଅନେକ ଅଭାବ ଅସୁବିଧାକୁ ଗୁରୁତ୍ୱ ଦେଇ ତାର ପ୍ରତିକାର ଲାଗି ପ୍ରୟାସ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଏବଂ ତ୍ରିପାଠୀ ମୋଦିଙ୍କ କାର୍ଯ୍ୟଶୈଳୀକୁ ଭାରତର ବିକାଶ ଆଡକୁ ନେବାରେ ଅଞ୍ଚଳବାସୀ ସହଯୋଗ କରିବା ସହ ଭାଜପା ଲୋକସଭା ଏବଂ ବିଧାନସଭାକୁ ବିପୁଳ ପରିମାଣ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ।

## ସିପିଆଇ ପକ୍ଷରୁ ବାଇକ୍ ରାଲି

**ହିଞ୍ଜିଳିକାଟୁ,୧୩ା୪(ଡ଼ି.ଏନ୍.ଏ)**

ଆସିକା ଲୋକସଭା ପ୍ରାର୍ଥୀ ରାମକୃଷ୍ଣ ପଣ୍ଡାଙ୍କ ନେତୃତ୍ୱରେ ଶନିବାର ପୂର୍ବାହ୍ନରେ ହିଞ୍ଜିଳିକାଟୁ ବଇଁଚବଣିଆ ଅଫିସରୁ ଏକ ବାଇକ୍ ରାଲି ବାହାରି ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲା। ରାମକୃଷ୍ଣଙ୍କ ସହ ସିପିଆଇର ବିଭିନ୍ନ ନେତା ଓ ସହଯୋଗୀ ଦଳ କଂଗ୍ରେସ, ସିପିଆଇ(ଏମ) ଓ ଅନ୍ୟାନ୍ୟ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ଦଳଙ୍କ ପକ୍ଷରୁ ଏହି ରାଲି ହିଞ୍ଜିଳିକାଟୁ ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ସିପିଆଇ ଓ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ରାଲିରେ ରାମକୃଷ୍ଣ ପଣ୍ଡା, ମନୋଜ ସ୍ୱାଇଁ, ଲଳିତ ମୋହନ ଦାଶ, ପ୍ରକାଶ ପାତ୍ର, ଟିଲୁ ବିଶ୍ୱାସରାୟ, ପର୍ଶୁରାମ ସାହୁଙ୍କ ସହ ଅନ୍ୟ ନେତା ଓ କର୍ମୀ ଯୋଗ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ମେରୁଯାତ୍ରା ପାଳିତ

**ଜି.ଉଦୟଗିରି,୧୩ା୪(ଡି.ଏନ୍.ଏ.)**

ଜି.ଉଦୟଗିରି ଅଞ୍ଚଳର ପ୍ରସିଦ୍ଧ ମେରୁଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ରେ ମହାପ୍ରଭୁ ଆନନ୍ଦେଶ୍ୱର ଓ ମା' ରୁଦ୍ରକାଳୀ ୧୩ ଦିନିଆ ଦଣ୍ଡଯାତ୍ରା ଶେଷ କରି ପଟୁଆରରେ କାମନା ମନ୍ଦିରକୁ ଆସିଥିଲେ। ବିଜୟ କୁମାର ନାୟକ, ପାଟ ଭୁକ୍ତା ଶରଣ ପଞ୍ଜର ମାଝୀ, ବିଣାକାର ଅଶ୍ୱିନ କୁମାର ନାୟକ ସମେତ ସମସ୍ତ ଦଣ୍ଡୁଆ ଠାକୁର ଧରି କାମନା ମନ୍ଦିରକୁ ଆସିବା ପରେ କିଛି ଧୂଳିଦଣ୍ଡ କାମନା ମନ୍ଦିର ଆଗରେ ଓ ସମ୍ପୂର୍ଣ୍ଣ ଧୂଳିଦଣ୍ଡ ମେରୁ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଧୂଳିଦଣ୍ଡ ପରେ ଅପରାହ୍ନ ସାଢ଼େ ୪ଟାରେ ଠାକୁରଙ୍କୁ ବନ୍ଧ ତୁଠକୁ ନିଆଯାଇଥିଲା। ସେଠାରେ ପୂଜାର୍ଚ୍ଚନା ଓ ପାଣିଦଣ୍ଡ କରାଯିବା ପରେ ଅଗ୍ନିଦଣ୍ଡ କରି ବିରାଟ ପଟୁଆରରେ କାମନା ମନ୍ଦିର ସମ୍ମୁଖ ମେରୁସ୍ଥଳକୁ ଶିବ ଓ କାଳୀଙ୍କୁ ଅଣାଯାଇ ପୂଜା କରାଯାଇଥିଲା। ସନ୍ଧ୍ୟାରେ ମେରୁଖୁଣ୍ଟରେ ପାଟ ଭୁକ୍ତାଙ୍କୁ ଚଢ଼ାଯାଇଥିଲା। ପାଟ ଭୁକ୍ତାଙ୍କୁ ଦେଖିବା ଓ ତାଙ୍କ ଦ୍ୱାରା ପକାଯାଉଥିବା ଆମ୍ବ ପାଇବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଏହି ଆମ୍ବ ପାଇଲେ ମନସ୍କାମନା ପୂରଣ ହୁଏ ବୋଲି ଲୋକଙ୍କ ବିଶ୍ୱାସ ରହିଥିବାରୁ ବହୁ ମାନସିକଧାରୀ ଉପବାସ ବ୍ରତ କରି ଆମ୍ବ ପାଇବା ପାଇଁ ଆଶା ରଖିଥାନ୍ତି। ମେରୁଖୁଣ୍ଟରୁ ପାଟଭୁକ୍ତା ଓହ୍ଲାଇବା ପରେ ମେରୁ ପୂଜା ଶେଷ ହୋଇଥିଲା।



ଜି.ଉଦୟଗିରିଠାରେ ମେରୁସ୍ଥଳକୁ ଠାକୁରଙ୍କୁ ନିଆଯାଉଛି।



ମେରୁଖୁଣ୍ଟରେ ପାଟଭୁକ୍ତାଙ୍କୁ ଚଢ଼ାଯାଉଛି।

**ଆସିକା :** ଆସିକା ସହର ତଥା ଆଖପାଖ ଅଞ୍ଚଳରେ ଗତ ୧୩ଦିନ ଧରି ଚାଲିଥିବା ଦଣ୍ଡଯାତ୍ରା ଉତ୍ସବ ଶନିବାର ମାସାନ୍ତ ମେରୁରେ ଉଦଯାପିତ ହୋଇଛି । ଆସିକା ଦଣ୍ଡନାଚ ଦଳ ପକ୍ଷରୁ ଏହି ଉତ୍ସବ ସୁନାମ୍ବ ସାହି ନିକଟରେ ଥିବା ଦଣ୍ଡକାଳୀ ମନ୍ଦିର ଠାରେ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ମନ୍ଦିର ନିକଟରେ ମାନସିକଧାରୀ ଦଣ୍ଡୁଆଙ୍କ ଧୂଳିଦଣ୍ଡ ପରେ ମନ୍ଦିର ସଂଲଗ୍ନ ପୋଖରୀରେ ପାଣିଦଣ୍ଡ କରାଯାଇଥିଲା। ଜଳଘାଟରୁ ଝୁଣାଖେଳ ସହ ଦଣ୍ଡୁଆଙ୍କ ଦଳ ମନ୍ଦିର ପ୍ରବେଶ କରିବା ପରେ ମେରୁ ମଣ୍ଡପରେ ଅଗ୍ନିକୁଣ୍ଡ ଉପରେ ପାଟ ଦଣ୍ଡୁଆଙ୍କୁ ମୁଣ୍ଡ ତଳକୁ କରି ଝୁଲାଇ ଝୁଣାମାଡ କରାଯାଇଥିଲା। ଏହା ପରେ ଶ୍ରଦ୍ଧାଳୁ ଓ ମେରୁ ଉପବାସଧାରୀମାନେ ପୂଜାର୍ଚ୍ଚନା କରିଥିଲେ। ସେହିଭଳି ନିକଟସ୍ଥ ନୂଆଗାଁ, କାଳଷଣ୍ଡପୁର, ମାଗୁରାପଲ୍ଲୀ, ସାହାସପୁର, ବଡଖୋଲି, ଖାରିଆ, କୈବଲ୍ୟପୁର ଆଦି ଗ୍ରାମରେ ମଧ୍ୟ ଏହି ମେରୁ ଉତ୍ସବ ପାଳିତ ହୋଇଥିଲା।

**ବେଗୁନିଆପଡ଼ା:** ବେଗୁନିଆପଡ଼ା ବ୍ଲକର ବିଭିନ୍ନ କାଳୀ ମନ୍ଦିର ପରିସରରେ ମେରୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶନିବାର ମାସନ୍ତ ମେରୁ ଉପଲକ୍ଷେ ଷଣ୍ଢମୂଳ, ତାଳସର, ବଡ଼ ଖଇରଖମା, ମାଳ ବେଲପଡ଼ା, ଏସ୍. ଛଚିନା ଆଦି ସ୍ଥାନରେ ଥିବା କାଳୀ ମନ୍ଦିର ପୀଠରେ ମେରୁ ଉତ୍ସବ ପାଳିତ ହୋଇଛି। ସକାଳେ ପ୍ରତ୍ୟେକ ପୀଠରେ ଧୂଳି ଦଣ୍ଡ, ପାଣି ଦଣ୍ଡ, ଅଗ୍ନି ଦଣ୍ଡ ସହ ଅପରାହ୍ନରେ ଭୋଗ ପୂଜା ହେବା ପରେ ଅଗ୍ନିରେ ମେରୁ ଓହଳା ଯାଇଥିଲା। ଏଥିପାଇଁ ପ୍ରତି ସ୍ଥାନରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।



## ଏ ସପ୍ତାହର କାର୍ଯ୍ୟକ୍ରମ

ରବିବାର
- ଏକବିଂଶ ବିଷୁବ ମିଳନ ସମାରୋହ। ସ୍ଥାନ-ନବୀନ ଭବନ। ସମୟ-ପୂର୍ବାହ୍ନ ସାଢ଼େ ୯ଟା ।
- ଶ୍ରୀରାମ ନବମୀ। ସ୍ଥାନ-ଇସ୍କନ ବ୍ରହ୍ମପୁର। ସମୟ-ପୂର୍ବାହ୍ନ ୧୦ଟା ।
- ଶ୍ରୀରାମ ନବମୀ। ସ୍ଥାନ-ନୀଳାଦ୍ରିବିହାର ଗାୟତ୍ରୀ ଶକ୍ତି ପୀଠ। ସମୟ-ସକାଳ ୭ଟା ।
- ସମୁହ ହନୁମାନ ଚାଳିଶା ପାଠ।ସ୍ଥାନ-ସଙ୍କଟମୋଚନ ହନୁମାନ ମନ୍ଦିର। ସମୟ-ସକାଳ ସାଢ଼େ ୬ଟା ।
- ହନୁମାନ ଚାଳିଶା ପାଠ। ସ୍ଥାନ-ହିଲ୍‌ପାଟଣା ହନୁମାନ ମନ୍ଦିର। ସମୟ-ସକାଳ ସାଢ଼େ ୭ଟା ।

## ସଂକ୍ଷେପରେ

### କୀଟନାଶକ ପିଇ ଯୁବତୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୩।୪:** କୀଟନାଶକ ପିଇ ଗୁରୁତର ହୋଇଥିବା ଜଣେ ଯୁବତୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ମୃତ୍ୟୁ ଘଟିଛି। ମୃତ ଯୁବତୀ ଜଣଙ୍କ ଦଣ୍ଡାସୀ ପାତ୍ରଙ୍କ ଝିଅ ଲିଲି (୨୩)। ଘର ପାଟପୁର ଥାନା ପ୍ରତାପଗିରି ବୋଲି ମେଡିକାଲ ଫାଣ୍ଡି ପୋଲିସ ସୂଚନା ଦେଇଛି। ଶନିବାର ପୋଲିସ ମୃତଦେହ ଜବତ କରି ନଂ. ୧୭୦/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଶୁକ୍ରବାର ମଧ୍ୟାହ୍ନରେ ଲିଲି ଘରୋଇ କଳିକୁ କେନ୍ଦ୍ରକରି ବିଷପିଇ ଦେଇଥିଲେ। ସେ ଗୁରୁତର ହୋଇ ବାନ୍ତି କରିବାରୁ ପ୍ରଥମେ ତାଙ୍କୁ ସ୍ଥାନୀୟ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଶୁକ୍ରବାର ରାତି ୯ଟାରେ ମୃତ୍ୟୁ ଘଟିଥିଲା।

### ସାପ କାମୁଡ଼ାରେ ଦଣ୍ଡୁଆଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୩।୪:** ଦଣ୍ଡ ଯାତ୍ରା ନିକଟରେ ଶୋଇଥିବା ଜଣେ ଦଣ୍ଡୁଆଙ୍କୁ ସାପ କାମୁଡ଼ି ଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ । ଶନିବାର ସକାଳେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଦଣ୍ଡୁଆ ହେଲେ ବିଜୟ ଦାସ (୩୮)। ତାଙ୍କ ଘର ପାଟପୁର ଥାନା ପୋଡ଼ାମାରି ବୋଲି ଫାଣ୍ଡି ପୋଲିସ କହିଛି। ପୋଲିସ ମୃତଦେହ ଜବତ କରି ନଂ. ୧୭୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଶୁକ୍ରବାର ଧରମପୁର ଗ୍ରାମରେ ଦଣ୍ଡନାଚ ଅନୁଷ୍ଠିତ ହୋଇଥିଲା। ଦଣ୍ଡୁଆ ବିଜୟ ଦଣ୍ଡନାଚ ନିକଟରେ ବିଶ୍ରାମ ନେଇଥିବା ବେଳେ ଶନିବାର ଭୋର ୪ଟାରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ବିଜୟଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା ।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୩।୪:** ଟ୍ରାଫିକ ଥାନା ଅନ୍ତର୍ଗତ ଆଙ୍କୁଲି ଓଭରବ୍ରିଜ ୧୬ନଂ. ଜାତୀୟ ରାଜପଥରେ ଶୁକ୍ରବାର ରାତିରେ ଏକ ଟ୍ରକ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ଚମାଖଣ୍ଡି ଥାନା ଅନ୍ତର୍ଗତ ବଣଭୁଆପଲ୍ଲୀର ପି. ତାରଣୟା ରେଡ୍ଡୀ (୩୨) ବୋଲି ପୋଲିସ କହିଛି। ଶନିବାର ମୃତଦେହ ଜବତ କରି ପୋଲିସ ନଂ. ୧୧/୧୯ରେ ଏକ ମାମଲା ରୁଜୁ କରିଛି। ଟ୍ରକ ଡ୍ରାଇଭର ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମର ଜି. ଭେଙ୍କଟ ରମଣଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ଏସ୍.କେ. କିଶାନ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ପି. ତାରଣୟା ଶୁକ୍ରବାର କୌଣସି କାମରେ ବ୍ରହ୍ମପୁର ଆସିଥିଲେ। ରାତି ୮ଟା ବେଳେ ସେ ବାଇକ (ନଂ ଓଡି୦୭ଏଲ୧୧୯୧)ରେ ଘରକୁ ଫେରୁଥିଲେ । ଆନ୍ଧ୍ରପ୍ରଦେଶରୁ ଏକ ଚିଙ୍ଗୁଡ଼ି ଦାନା ବୋଝେଇ ଟ୍ରକ (ନଂ ଏପି୩୦ଭି୨୮୮୯) କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିଲା। ଆଙ୍କୁଲି ଜାତୀୟ ରାଜପଥ ଦେଇ ଯାଉଥିବା ଟ୍ରକ ଡ୍ରାଇଭର ହଠାତ୍ ବ୍ରେକ ମାରିଦେବାରୁ ପଛପଟୁ ଆସୁଥିବା ପି. ତାରଣୟା ରେଡ୍ଡୀଙ୍କ ବାଇକ୍‌ଟି ଟ୍ରକ ଦେହରେ ପିଟି ହୋଇଯାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପୋଲିସ କହିଛି ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

■ ବୁଢ଼ୀ ଠାକୁରାଣୀ ଯାତ୍ରାର ପୂରିଲା ୧୬ ଦିନ

# ୬ ସାହିରେ ଘଟ ପରିକ୍ରମା

■ ଶ୍ରୀକୃଷ୍ଣ ରଥକୁ ନିମନ୍ତ୍ରଣ କଲେ ଠାକୁରାଣୀ

■ ବଢ଼ୁଛି ମାନସିକଧାରୀଙ୍କ ବେଶ

**ବ୍ରହ୍ମପୁର ଅଫିସ,୧୩।୪**

ପ୍ରସିଦ୍ଧ ବୁଢ଼ୀ ଠାକୁରାଣୀ ଯାତ୍ରା ପାଇଁ ରେଶମ ନଗରୀ ବ୍ରହ୍ମପୁର ଉତ୍ସବମୁଖର ହୋଇଛି। ମାର୍ଚ୍ଚ ୨୯ ତାରିଖ ରାତିରୁ ଆରମ୍ଭ ହୋଇଥିବା ଯାତ୍ରା ଶନିବାର ୧୬ ଦିନ ଏବଂ ଘଟ ପରିକ୍ରମାର ୧୩ ଦିନ ବିତିଛି। ମାନସିକଧାରୀଙ୍କ ବେଶ ସଂଖ୍ୟା ବଢ଼ୁଛି ଏବଂ ବାଦ୍ୟ ବାଜଣାରେ ସହର କମ୍ପୁଛି। ଅପରପକ୍ଷରେ ମା' ବୁଢ଼ୀ ଠାକୁରାଣୀ ତାଙ୍କ ମା' ଘରକୁ ଦୁଇ ବର୍ଷ ପରେ ଆସିଥିବାରୁ ମହାନଗରର ବିବାହିତା ଝିଅମାନେ ଯାତ୍ରା ଉପଭୋଗ ଓ ଅସ୍ଥାୟୀ ପୀଠରେ ଦର୍ଶନ ପାଇଁ ବାପଘରକୁ ଆସିବାରେ ଲାଗିଛନ୍ତି । ଦିନରେ ପ୍ରଚଣ୍ଡ ତାତି ଯୋଗୁ ଅପରାହ୍ନରୁ ଅର୍ଦ୍ଧରାତ୍ର ଯାଏ ଯାତ୍ରା ସ୍ଥଳରେ ପ୍ରବଳ ଗହଳି ହେଉଛି । ଯାତ୍ରା ବେଳେ ଜଳ ସଙ୍କଟ ଘନୀଭୂତ ହୋଇଛି ଏବଂ ଗତ ମାର୍ଚ୍ଚ ୩ରେ ଉଦ୍‌ଘାଟିତ ହୋଇଥିବା ଜାନିବିଲି ଜଳ ଯୋଗାଣ ପ୍ରକଳ୍ପ ନିରର୍ଥକ ହୋଇଛି । ତେଣୁ ଯାତ୍ରାସ୍ଥଳ ଏବଂ ବିଭିନ୍ନ ସାହିବସ୍ତିରେ ନିଅଣ୍ଟିଆ ଜଳ ଯୋଗାଣ ସମସ୍ୟା ସୃଷ୍ଟି କରିଛି ।

ଶନିବାର ସନ୍ଧ୍ୟାରେ ବାଦ୍ୟ ବାଜଣା, ଘଣ୍ଟତାଳ, ନାଚଗୀତ ମଧ୍ୟରେ ଠାକୁରାଣୀଙ୍କ ଘଟ ଶୋଭାଯାତ୍ରା ଅସ୍ଥାୟୀ ପୀଠରୁ ବାହାରିଥିଲା । ପରମ୍ପରା ଅନୁସାରେ ପ୍ରଥମେ ମହୁରୀ ରାଜବାଟୀକୁ ଗଲା ବେଳେ ରାସ୍ତାର ଦୁଇ ପାର୍ଶ୍ୱରେ ମା'ଙ୍କୁ ଦର୍ଶନ ଲାଗି ପ୍ରବଳ ଜନସମାଗମ ହୋଇଥିଲା । ମହିଳାଙ୍କ ହୁଳହୁଳି ନାଦରେ ଅଞ୍ଚଳ କମ୍ପିଥିଲା । ରାଜବାଟୀରେ ପ୍ରଥମ ସେବକ ମହୁରୀ ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ଆଳତି ଓ ପୂଜାର୍ଚ୍ଚନା କରିଥିଲେ। ଠାକୁରାଣୀଙ୍କ ମା' ତଥା ଯାତ୍ରା ବେଳର ଚଳନ୍ତି ଠାକୁରାଣୀ କୁହାଯାଉଥିବା ଦେଶୀ ବେହେରାଙ୍କ ସ୍ତ୍ରୀ ଦେବକୀ ମୁଖ୍ୟଘଟ ମୁଣ୍ଡେଇଥିଲେ। ଦେବାଙ୍ଗ ସମ୍ପ୍ରଦାୟର ସେନାପତିମାନଙ୍କ ସ୍ତ୍ରୀମାନେ ସମସ୍ତ ପାର୍ଶ୍ୱ ମୁଣ୍ଡାଇଥିଲେ ।

ରାଜବାଟୀରେ ପର୍ବ ସରିବା ପରେ ଘଟ ଶୋଭାଯାତ୍ରା ସେଠାରୁ ବାହାରିଥିଲା। କୋଳାହଳ ମଧ୍ୟରେ ସାଆନ୍ତରାଣୀ ସାହି, କପିଳେଶ୍ୱର ସାହି, ବାଲାଜୀପେଣ୍ଠ, ଗୌଡ଼ ସାହି, ଲାଲା ସାହି, ମାର୍ଥା ସାହିରେ ପରିକ୍ରମା ବେଳେ ସମସ୍ତଙ୍କ ଘର ଆଗରେ ପୂର୍ଣ୍ଣକୁମ୍ଭ ରଖାଯାଇ ମହିଳାମାନେ ପୂଜାର୍ଚ୍ଚନା କରିଥିଲେ। ନିଜ ଦାଣ୍ଡ ଦୁଆରେ ଠାକୁରାଣୀଙ୍କୁ ଦର୍ଶନ କରିବାର ସୁଯୋଗ ମିଳିଥିବାରୁ ବାସିନ୍ଦାମାନେ ଉତ୍ସାହିତ ହୋଇଯାଇଥିଲେ। ମହିଳାମାନେ ମନ ସ୍କାମନା ପୂରଣ ପାଇଁ ମୁଖ୍ୟ ଘଟଧାରୀଙ୍କ ପାଦରେ ହଳଦି କର୍ପୁର ମିଶା ପାଣି ଢ଼ାଳିଥିଲେ। ଗୌଡ଼ସାହିର ଶ୍ରୀକୃଷ୍ଣ ରଥ ଯାତ୍ରା ଦାଣ୍ଡକୁ ଆଣିବା ପାଇଁ ନିମନ୍ତ୍ରଣ କରାଯାଇଥିଲା । ଉପରୋକ୍ତ ସାହି ପରିକ୍ରମା ଶେଷରେ ଅସ୍ଥାୟୀ ପୀଠକୁ ଫେରିଥିଲା ଘଟ ଶୋଭାଯାତ୍ରା ।


ଶିଶୁଙ୍କ ରାଧାକୃଷ୍ଣ ବେଶ ଓ ପର୍ଶୁରାମ ବେଶ ।

## ଶ୍ରୀରାମ ନବମୀ ପାଇଁ ବ୍ରହ୍ମପୁର ଉତ୍ସବମୁଖର


କେନାଲ ସାହିରେ ଶ୍ରୀରାମଙ୍କ ରଥ ପରିକ୍ରମା ।

**ବ୍ରହ୍ମପୁର ଅଫିସ,୧୩।୪**

ଶ୍ରୀରାମ ଚନ୍ଦ୍ରଙ୍କ ଜନ୍ମ ଦିବସ ପବିତ୍ର ଶ୍ରୀରାମ ନବମୀ ମହୋତ୍ସବ ରେଶମ ନଗରୀ ବ୍ରହ୍ମପୁର ସମେତ ବିଭିନ୍ନ ସ୍ଥାନରେ ଶନିବାର ସମାବେଶରେ ପାଳିତ ହୋଇଯାଇଛି। ଗେଟ ବଜାର ନିକଟ ରଘୁନାଥ ମନ୍ଦିର, କେନାଲ ସାହିସ୍ଥ ହନୁମାନ ମନ୍ଦିର, ପୁରୁଣା ବ୍ରହ୍ମପୁର ମାର୍ଥା ସାହି ରଘୁନାଥ ମନ୍ଦିର, ହନୁମାନ ବଜାର ଛକ, ମାନସ ଭବନ ଓ ନିମଖଣ୍ଡି ରଘୁନାଥ ମନ୍ଦିରରେ ଏହି ପବିତ୍ର ଦିବସରେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ଦର୍ଶନ ପାଇଁ ସକାଳୁ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। କେନାଲ ସାହିରେ ରାମଚନ୍ଦ୍ରଙ୍କ ସ୍ୱତନ୍ତ୍ର ରଥ ଅଞ୍ଚଳ ପରିକ୍ରମା କରିଥିଲା। ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ନିମଖଣ୍ଡିସ୍ଥ ମନ୍ଦିରରେ ଆଖପାଖ ଅଞ୍ଚଳର ଶହ ଶହ ଭକ୍ତଙ୍କ ଲମ୍ବାଧାଡ଼ି ଲାଗିଥିଲା। ରାମନବମୀ ଉପଲକ୍ଷେ ମାର୍ଥା ସାହି ରଘୁନାଥ ମନ୍ଦିର ପାର୍ଶ୍ୱରେ ପ୍ରହଲ୍ଲାଦ ନାଟକ ପରିବେଷଣ ହୋଇଥିଲା । ଶ୍ରୀରାମ ନବମୀରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପରମ ଭକ୍ତ ହନୁମାନ ମନ୍ଦିରମାନଙ୍କରେ ମଧ୍ୟ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ନିକଟ ମାଣ୍ଡିଆପଲ୍ଲୀ ପାହାଡ଼ରେ ବିଜେ ହନୁମାନ ପୀଠରେ ଶ୍ରୀରାମ ନବମୀରୁ ରାମତାରକ ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି । ରବିବାର ବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ପାଳନ ଲାଗି ବଜରଙ୍ଗବଲୀ ମନ୍ଦିରଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରାଯାଇଛି। ଶ୍ରୀରାମ ନବମୀ ପାଇଁ ବ୍ରହ୍ମପୁର ଉତ୍ସବମୁଖର ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

### ବାସନ୍ତିକ ନବରାତ୍ର ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୧୩।୪**

ପାଣିଗ୍ରାହୀପେଣ୍ଠସ୍ଥିତ ଶ୍ରୀଶ୍ରୀ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଗତ ଶୁକ୍ରବାରରୁ ଜଗତ୍‌କଲ୍ୟାଣ ନିମନ୍ତେ ଶ୍ରୀଶ୍ରୀ କ୍ରିଷ୍ଣା ଭୈୟାଜୀଙ୍କ ତତ୍ତ୍ୱାବଧାନରେ ଚାଲିଥିବା ବାସନ୍ତିକ ନବରାତ୍ର ପୂଜା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଉତ୍ସବରେ ୧୦୦୧ ମହାମଣ୍ଡଳେଶ୍ୱର ସୁଦର୍ଶନ ଦାସ ମହାରାଜ, ୧୦୦୮ ମହାମଣ୍ଡେଳେଶ୍ୱର ଲକ୍ଷ୍ମଣ ଦାସ ମହାରାଜ, ଘଟକେଶ୍ୱର ମନ୍ଦିର କମିଟି ଉପସଭାପତି ଚନ୍ଦ୍ରଧ୍ୱଜ ସାହୁ ଏବଂ ସାମାଜିକ କର୍ମୀ ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ବହୁ ଶ୍ରଦ୍ଧାଳୁ ଏଥିରେ ଭାଗ ନେଇଥିଲେ । ଶ୍ରୀଶ୍ରୀ କ୍ରିଷ୍ଣା ଭୈୟାଜି ପ୍ରବଚନ ଦେଇଥିଲେ । ସମ୍ପାଦକ ରାମମୂର୍ତ୍ତି ପ୍ରଧାନ, ସମୀର ମହାନ୍ତି, ସନ୍ତୋଷ ମହାନ୍ତି, ଦ୍ୱାରିକା ମହାନ୍ତି, ଗଣେଶ ପ୍ରଧାନ ଏବଂ ପ୍ରକାଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

### ଜିଲ୍ଲାସ୍ତରୀୟ ଲୋକ ଅଦାଲତ

**ବ୍ରହ୍ମପୁର ଅଫିସ,୧୩।୪**

ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା କୋର୍ଟ ଅଧୀନରେ ଥିବା କୋର୍ଟଗୁଡ଼ିକରେ ଶନିବାର ୩ୟ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲ୍ଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ବିଭୁ ପ୍ରସାଦ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ୧୬ଟି ବିଭିନ୍ନ ଫୌଜଦାରି ଓ ଦେୱାନୀ ମକଦ୍ଦମା ଗୁଡ଼ିକର ଫଇସଲା କରାଯାଇଥିଲା। ବିଚାରପତିମାନେ ଏହିସବୁ ମାମଲାଗୁଡ଼ିକର ବିଚାର କରିଥିଲେ। ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର


ଅନିଲ


ଜିତେନ୍ଦ୍ର

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ଦାସକାଠିଆ ମାଧ୍ୟମରେ ଭୋଟ୍ ଦେବାକୁ ସଚେତନତା

**ବ୍ରହ୍ମପୁର ଅଫିସ୍,୧୩।୪**

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କ୍ଷେତ୍ର ପ୍ରଚାର କାର୍ଯ୍ୟାଳୟର ବ୍ରହ୍ମପୁର ଶାଖା ତରଫରୁ ଆସିକା ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାନଖେମୁଣ୍ଡି ବ୍ଲକ ଆଡ଼ପଡ଼ା ଏବଂ ଡେଙ୍ଗାଓସ୍ତାରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆସନ୍ତା ୧୮ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ସମସ୍ତେ ଭୋଟ୍ ଦେବାକୁ ଆହ୍ୱାନ କରାଯାଇଥିଲା। କ୍ଷେତ୍ର ପ୍ରଚାର ଅଧିକାରୀ ମନମୋହନ ପାଢୀ ଚଳିତ ନିର୍ବାଚନରେ ପ୍ରଣୟନ ହୋଇଥିବା ଭିଭିପିଏଟି ମେଶିନ୍, ଦୃଷ୍ଟିବାଧିତଙ୍କ ପାଇଁ ବ୍ରେଲ୍ ବାଲାଟ୍ ପେପର୍ ଏବଂ ଇଭିଏମ୍ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଭାଗ ଅଧୀନସ୍ଥ ଗୀତ ଓ ନାଟକ ବିଭାଗର ଦାସକାଠିଆ କଳାକାର ରବୀନ୍ଦ୍ର ଶତପଥୀ ଏବଂ ତାଙ୍କ ସାଥୀ ଦାସକାଠିଆରେ ଲୋକଗୀତ ଏବଂ ପୌରାଣିକ କାହାଣୀ ପରିବେଷଣ କରି ଭୋଟର୍‌ଙ୍କୁ ସେମାନଙ୍କ କର୍ତ୍ତବ୍ୟ ବିଷୟରେ ସଚେତନ କରିଥିଲେ । ଆଡପଡ଼ା ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ରାଉତ, ନୀଳମାଧବ ରାଉତ, ନିରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ଡେଙ୍ଗାଓସ୍ତାରେ ସ୍ଥାନୀୟ ମନ୍ଦୋଦରୀ ସ୍ୱେଚ୍ଛାସେବୀ ଯୁବକ ସଂଘ ସଭାପତି ଗୋପାଳକୃଷ୍ଣ ମଲ୍ଲିକ, ସାମାଜିକ କର୍ମୀ ଭିକା ପ୍ରଧାନ, କେ. ରାଜା ରାଓ, ପ୍ରଫୁଲ୍ଲ ସାହୁ ଓ ବିଦ୍ୟାଧର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫନି କୁମାର, ପ୍ରମୋଦ କୁମାର ସାବତ ପରିଚାଳନାରେ ସହଯୋଗ କରିଥିଲେ ।

## ରାମ ନବମୀରେ ରକ୍ତଦାନ ଶିବିର

**ବ୍ରହ୍ମପୁର ଅଫିସ୍,୧୩।୪**

ଶ୍ରୀରାମ ନବମୀ ଅବସରରେ ପତଞ୍ଜଳି ଯୁବା ଭାରତ ଏବଂ ପତଞ୍ଜଳି ଯୋଗ ସମିତି ତରଫରୁ ଏକ ରକ୍ତଦାନ ଶିବିର ବ୍ୟାଙ୍କ କଲୋନୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସୁବ୍ରତ ପୂଜାରୀ, ଶିଶିର କୁମାର ଦାସ, ଅଭି ପ୍ରଧାନ, କେ. ରବି ବାବୁ, ସୁନୀଲ କୁମାର ସାହୁ, ବୃନ୍ଦାବନ ପଟ୍ଟନାୟକ, ସୀତାରାମ ପଣ୍ଡା, ନରସିଂହ ସେଠୀ, ରିଷି ଗୌଡ଼, ଚିତ୍ତରଞ୍ଜନ ଦାସ, ସଂଯୁକ୍ତା ପୃଷ୍ଟି, ଅଞ୍ଜଳି ସାହୁ, ଅର୍ଜୁନ ରେଡ୍ଡୀ, ସୁଦର୍ଶନ ସାବତ, ଶାନ୍ତନୁ କୁମାର ପାଢୀ, ରଞ୍ଜନ କୁମାର ନନ୍ଦ, ଡ. ରଶ୍ମିତା ପାଣିଗ୍ରାହୀ, ସୁଶାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୩୦ରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ପତଞ୍ଜଳିର ଡା. ଦେବରାଜ ପାଣିଗ୍ରାହୀ, ପ୍ରଦୀପ କୁମାର ସାହୁ ଓ ରଶ୍ମି ରଞ୍ଜନ ସାହୁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି ।

■ ୩ ଥାକିଆ ସୁରକ୍ଷା ବ୍ୟବସ୍ଥାରେ ଇଭିଏମ୍

# ମେ ୨୩ରେ ହେବ ଭୋଟ ଗଣତି

**ବ୍ରହ୍ମପୁର ଅଫିସ,୧୩।୪**

ସାଧାରଣ ନିର୍ବାଚନ ପ୍ରଥମ ପର୍ଯ୍ୟାୟ ମତଦାନଇତିମଧ୍ୟରେଶେଷହୋଇଯାଇଛି। ବ୍ରହ୍ମପୁର ଲୋକ ସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବ୍ରହ୍ମପୁର, ଗୋପାଳପୁର, ଚିକିଟି, ଦିଗପହଣ୍ଡି, ଛତ୍ରପୁର, ମୋହନା ଓ ଓ ପାରଳାଖେମୁଣ୍ଡିରେ ଶାନ୍ତିପୂର୍ଣ୍ଣ ଭୋଟ ଗ୍ରହଣ ସରିଛି। ସେହି ନିର୍ବାଚନ ମଣ୍ଡଳୀଗୁଡ଼ିକ ମଧ୍ୟରୁ କେବଳ ବ୍ରହ୍ମପୁର, ଗୋପାଳପୁର, ଚିକିଟି ଓ ଦିଗପହଣ୍ଡିରେ ବ୍ୟବହୃତ ହୋଇଥିବା ଇଭିଏମ୍ ଗୁଡ଼ିକୁ ୩ ଥାକିଆ ସୁରକ୍ଷା ବ୍ୟବସ୍ଥାରେ ବ୍ରହ୍ମପୁରରେ ରଖାଯାଇଛି। ମେ ୨୩ ତାରିଖରେ ଭୋଟ ଗଣତି ହେବ। ଭୋଟ ଗଣତି ଦିନ ଯେତିକି ପାଖେଇ ଆସୁଛି ପ୍ରାର୍ଥୀମାନଙ୍କ ହୃତ୍‌ସ୍ପନ୍ଦନ ବଢ଼ିବା ସହିତ କର୍ମୀଙ୍କ ମହଲରେ ସେତିକି ଉତ୍କଣ୍ଠା ଦେଖାଦେଇଛି। ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ୧୬୯ବୁଥ୍‌ରେ ବ୍ୟବହୃତ ଇଭିଏମ୍, ଗୋପାଳପୁର ବିଧାନସଭା କ୍ଷେତ୍ରରେ ୨୦୮ ବୁଥର ବ୍ୟବହୃତ ଇଭିଏମ, ଦିଗପହଣ୍ଡି ବିଧାନସଭା କ୍ଷେତ୍ରରେ ୨୫୫ ବୁଥରେ ବ୍ୟବହୃତ ହୋଇଥିବା ଇଭିଏମ ଓ ଚିକିଟି ବିଧାନସଭା କ୍ଷେତ୍ରରେ ୨୪୧ ବୁଥରେ ବ୍ୟବହୃତ ହୋଇଥିବା ମେସିନଗୁଡ଼ିକ ବ୍ରହ୍ମପୁରରେ କରାଯାଇଥିବା ଦୁଇଟି ଷ୍ଟ୍ରଙ୍ଗ ରୁମରେ ରଖାଯାଇଛି। ସ୍ଥାନୀୟ ଆଇଟିଆଇ ଓ ପଲିଟେକ୍‌ନିକ୍ ପରିସରରେ ଇଭିଏମ୍‌ଗୁଡ଼ିକ ସୁରକ୍ଷିତ ଅବସ୍ଥାରେ ରଖାଯାଇଛି ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି । ପଲିଟେକ୍‌ନିକ୍ ପରିସରରେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ୧୬୯ ବୁଥ୍‌ରେ ବ୍ୟବହୃତ ସମସ୍ତ ଇଭିଏମ ଓ ଗୋପାଳପୁର ନିର୍ବାଚନ ମଣ୍ଡଳୀର ୨୦୮ ବୁଥରେ ବ୍ୟବହୃତ ଇଭିଏମ୍ ଗୁଡ଼ିକ ରଖାଯାଇଛି । ସେହିପରି ଆଇଟିଆଇ ଶିକ୍ଷାନୁଷ୍ଠାନ ପରିସରରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ ୨୫୫ ଗୋଟି ବୁଥରେ ବ୍ୟବହୃତ ଇଭିଏମ୍ ଓ ଚିକିଟି ନିର୍ବାଚନ ମଣ୍ଡଳୀର ୨୪୧ବୁଥ୍‌ରେ ବ୍ୟବହୃତ ସମସ୍ତ ଇଭିଏମ୍ ରଖାଯାଇଥିବା ବ୍ରହ୍ମପୁର ଏସ୍‌ଡିପିଓ କହିଛନ୍ତି । ଗଞ୍ଜାମ ଜିଲାପାଳଙ୍କ ତତ୍ତ୍ୱାବଧାନରେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏଥିରେ ଏକ ପ୍ଲାଟୁନ ସିଆରପିଏଫ, ୨ ସେକ୍ସନ ଓଏସଏଫ ଓ ପ୍ରତ୍ୟେକ ଷ୍ଟ୍ରଙ୍ଗ ରୁମରେ ଜିଲା ପୋଲିସର ଜଣେ ଲେଖାଏ ଡିଏସପି, ଜଣେ ଲେଖାଏ ଇନ୍ସପେକ୍ଟର, ୩ ଜଣ ଏଏସ୍‌ଆଇ ଓ ସଶସ୍ତ୍ର ପୋଲିସ ମୁତୟନ ହୋଇଛନ୍ତି । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ୧୮ ତାରିଖରେ ସରିବା ପରେ ସାନଖେମୁଣ୍ଡି ବିଧାନସଭାରେ ବ୍ୟବହୃତ ଇଭିଏମ୍ ବ୍ରହ୍ମପୁରରେ ଥିବା ଷ୍ଟ୍ରଙ୍ଗରୁମରେ ରହିବ ବୋଲି ଏସ୍‌ଡିପିଓ ପତି କହିଛନ୍ତି।


ବ୍ରହ୍ମପୁର ଆଇଟିଆଇରେ ଇଭିଏମ୍ ଥିବା ଷ୍ଟ୍ରଙ୍ଗରୁମ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା ।

**ସଂକ୍ଷେପରେ**

## ସୋସିଆଲ ମିଡିଆରେ ବଢୁଛି ପ୍ରାର୍ଥୀଙ୍କ ପ୍ରଚାର

ଚମ୍ପୁଆ, ୧୩।୪ (ଡି.ଏନ.ଏ.): ଆସନ୍ତା ୨୩ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ପାଇଁ ୧୬ ଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଇ ଥିଲେ ମଧ ପ୍ରଚାର କାର୍ଯ୍ୟ ଜୋର ଧରିପାରି ନାହିଁ। ହାତ ଗଣତି ୫ ପ୍ରାର୍ଥୀ ଗାଁକୁ ଗାଁ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଥିବା ବେଳେ ଅନେକ ପ୍ରାର୍ଥୀ ପ୍ରଚାର ପାଇଁ ସୋସିଆଲ ମିଡିଆକୁ ଅସ୍ତ୍ର କରଛନ୍ତି। ବିଜେଡି ପ୍ରାର୍ଥୀ ମିନାକ୍ଷୀ ମହାନ୍ତ, ଭାଜପା ପ୍ରାର୍ଥୀ ମୁରଲୀ ମନୋହର ଶର୍ମା, କଂଗ୍ରେସ ପ୍ରାର୍ଥୀ ଯଦୁମଣି ବାରିକ, ସ୍ୱାଧୀନ ପ୍ରାର୍ଥୀ ଶ୍ରମନ୍ତ ତ୍ରିପାଠୀ ଓ ମହେନ୍ଦ୍ର କୁମାର ଗିରି ନିଜ ନିଜ କାର୍ଯ୍ୟକ୍ରମକୁ ଓ ନିଜ ସପକ୍ଷରେ ଭୋଟ ପ୍ରଚାର ପାଇଁ ସୋସିଆଲ ମିଡିଆକୁ ଆୟୁଧ କରିଛନ୍ତି। ପୂର୍ବ ନିର୍ବାଚନ ଭଳି ଏଥର ଗାଁ ଗୁଡିକରେ ମଧ ଭୋଟରମାନଙ୍କ ମଧରେ ନିର୍ବାଚନୀ ଉଷ୍ମତା ଦେଖିବାକୁ ମିଳୁନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅନେକ ନିଜ ନିଜ ନେତାଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରି ରହିଥିବା ବେଳେ ସ୍ୱଳ୍ପ ଦିନ ମଧରେ କିପରି ଭୋଟରଙ୍କୁ ମନାଇବେ ତାହା ଏବେ ପ୍ରାର୍ଥୀଙ୍କ ଚିନ୍ତାର କାରଣ ପାଲଟିଛି। ଭୋଟ ଭାଗ ନେଇ ୩ ପ୍ରମୁଖ ଦଳର ପ୍ରାର୍ଥୀମାନେ ଏକପ୍ରକାର ଚିନ୍ତିତ ହୋଇପଡିଥିବା ବେଳେ ଭୋଟ ହାର, ଭୋଟ ବ୍ୟବଧାନ ଏବଂ ପ୍ରାର୍ଥୀଙ୍କ ବିଜୟ ନେଇ ରାଜନୈତିକ ବିଶେଷଜ୍ଞମାନଙ୍କୁ ଏବେ ଅଡୁଆରେ ପକାଇଲାଣି।

## କେନ୍ଦୁଝର ଗ୍ରୀନ ପରିଦର୍ଶନ କଲେ ରୋଟାରୀ ଗଭର୍ଣ୍ଣର

କେନ୍ଦୁଝର,୧୩।୪(ଡି.ଏନ୍.ଏ.): ରୋଟାରୀ ଇଣ୍ଟରନ୍ୟାଶନାଲ ଜିଲା ୩୨୬୨ର ଗଭର୍ଣ୍ଣର ଭବାନୀ ପ୍ରସାଦ ଚୌଧୁରୀ ଆସି ରୋଟାରୀ କ୍ଲବ କେନ୍ଦୁଝର ଗ୍ରୀନ ପରିଦର୍ଶନ କରିଛନ୍ତି। କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାକକ୍ଷରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଭୁ ଜଗନ୍ନାଥଙ୍କଠାରେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କ୍ଲବର ସଭାପତି ଧୃରେନ୍ଦ୍ର ରାଉତ ବୈଠକ ପରିଚାଳନା କରିଥିବାବେଳେ ଜାତୀୟ ସଙ୍ଗୀତ ଗାନ ପରେ ରୋଟାରିଆନ୍ ସେବତୀ ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଭାବେ ଭରତ ଚନ୍ଦ୍ର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଗଭର୍ଣ୍ଣର ଚୌଧୁରୀ ଉପସ୍ଥିତ ସଦସ୍ୟା ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇବା ବିଭିନ୍ନ ବିଷୟରେ ଆଲୋଚନା ମଧ କରିଥିଲେ। ଏହି ଅବସରରେ ନିଶାମୁକ୍ତି ଆନ୍ଦୋଳନର ନେତ୍ରୀ ଶର୍ମିଷ୍ଠା ମହାନ୍ତିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରେ ଗଭର୍ଣ୍ଣର ଚୌଧୁରୀ ଏବଂ ତାଙ୍କ ସହଧର୍ମିଣୀ ପ୍ରତିଭା ମହାନ୍ତିଙ୍କୁ ଗ୍ରୀନ୍ କ୍ଲବର ସମ୍ପାଦକ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଶେଷରେ ସନ୍ଦୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ୍ ରାମରାୟ ମୁନ୍ଦୁୟା, ବସନ୍ତ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ସନ୍ଦୀପ ବେହେରା, ସୁଧାଂଶୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

କେନ୍ଦୁଝର, ୧୩।୪ (ସ୍ୱ.ପ୍ର.):କେନ୍ଦୁଝର ସହରରେ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡ଼ିଛି। ଫୁଟପାଥ ବେପାରୀଙ୍କ ଦଖଲରେ ରହିଥିବା ବେଳେ ଉଠାଯାଉନାହିଁ। ସେହିପରି ରାସ୍ତା ଉପରେ ଗାଡି ପାର୍କିଂ, ଅସ୍ଥାୟୀ ଦୋକାନ ଆଦି ଏହି ଟ୍ରାଫିକ ସମସ୍ୟାର କାରଣ ହୋଇଛି। ତେବେ ହେଲମେଟ ଚେକିଂରେ ବ୍ୟସ୍ତ ପୋଲିସ ଏସବୁ ନେଇ ପଦକ୍ଷେପ ନେଉନଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି । ବ୍ୟବସାୟିକ ମାର୍କେଟ କମ୍ପ୍ଲେକ୍ସ, ବ୍ୟାଙ୍କ, ହୋଟେଲ ଆଦିରେ ପାର୍କିଂ ସୁବିଧା ନାହିଁ । ଏଣୁ ସେମାନଙ୍କ ଗ୍ରାହକ ମାନେ ରାସ୍ତା ଉପରେ ଚାରି ଚକିଆ ଗାଡି ରଖି ଅବରୋଧ କରୁଥିଲେ ହେଁ ଧରପଗଡ ହେଉନାହିଁ । ସେହିପରି ଏହି ସବୁ ବେଆଇନ ବ୍ୟବସାୟୀ କେନ୍ଦ୍ର ଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଦୁଇ ଚକିଆ ଓ ତିନି ଚକିଆ ଗାଡି ଚାଳକ ଉପରେ ଜୁଲମ ରାଯାଉଥିବାରୁ ଅସନ୍ତୋଷ ବଢୁଛି । ଗତ ଦୁଇ ଦିନ ଏଭଳି ଡେଲି ମାର୍କେଟ ନିକଟରେ ରାସ୍ତା ଉପରେ ରଖିଥିବା ଅଟୋ ଚାଳକଙ୍କଠାରୁ ଫାଇନ ଆଦାୟ କରିବା ସ୍ୱାଗତ କରାଯାଇଥିଲେ ହେଁ ଦୀର୍ଘ ସମୟ ଧରି ବଡବଡିଆଙ୍କ କାର, ଜିପ ଆଦି ଗାଡିକୁ ଫାଇନ ଆଦାୟ ନ କରି ଛାଡିଦେବା ଘଟଣାକୁ ସ୍ଥାନୀୟ ଲୋକ ନିନ୍ଦା କରିଛନ୍ତି। ବିଶେଷ କରି ଜିଲାପାଳ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବସ ମାନଙ୍କ ଭିଡ ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲେ ହେଁ ପୋଲିସ ବିଭାଗ ଚୁପ ରହି ଏସପିଙ୍କୁ ଖୁସି କରିବା ଲାଗି ଡେଲି ମାର୍କେଟ ନିକଟରେ ବେଳେ ବେଳେ ପହଁଚି ଗାଡି ହଟାଉଥିବା ଏବଂ ହେଲମେଟ ଚେକିଂ କରୁଥିବା ଚର୍ଚ୍ଚା ଜୋର ଧରିଛି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

- ନିଷ୍କାସନ ହେଉନି ବର୍ଷାଜଳ
- ରୋଗୀ ହଇରାଣ

ଆନନ୍ଦପୁର,୧୩। ୪(ସ୍ୱ.ପ୍ର.)

ଆନନ୍ଦପୁର ପୌର ପରିଷଦ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପିଛା ଛାଡୁନି ସମସ୍ୟା। କେତେବେଳେ ଡାକ୍ତର ସମସ୍ୟା ତ କେତେବେଳେ ରୋଗୀ ସେବାକୁ ନେଇ ସମସ୍ୟା। ସଦାସର୍ବଦା ଅବହେଳାର ଶିକାର ହୋଇଆସୁଥିବା ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତି ଉଚିତ ଦୃଷ୍ଟି ଦିଆଯାଉ ନ ଥିବା ଯୁବକ ସଂଘ ଦାବି କରିଛି। ଗତ ଶୁକ୍ରବାର ସନ୍ଧ୍ୟା ସମୟରେ ଆନନ୍ଦପୁର ଅଞ୍ଚଳରେ କାଳବୈଶାଖୀ ଯୋଗୁ ଘଡଘଡି ସହିତ ବର୍ଷା ହୋଇଥିଲା। ଏହି ବର୍ଷାର ମାତ୍ରା ସେତେଟା ଅଧିକ ହୋଇ ନ ଥିଲେ ସୁଦ୍ଧା ବର୍ଷା ଜଳରେ ସ୍ୱାସ୍ଥ୍ୟ କେନ୍ଦ୍ର ଗେଟ୍ ସମ୍ମୁଖରେ ପାଣି ଜମି ରହିଥିଲା। ଡ୍ରେନେଜ ବ୍ୟବସ୍ଥା ଏକପ୍ରକାର ଭୁଶୁଡ଼ି ପଡ଼ିଛି। ରାତିରୁ ସକାଳ ପର୍ଯ୍ୟନ୍ତ ଏହି



ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଜମିରହିଛି ବର୍ଷା ପାଣି।

ବର୍ଷାଜଳ ନିଷ୍କାସନ ହୋଇପାରି ନ ଥିଲା। ଫଳରେ ଶନିବାର ସକାଳୁ ରୋଗୀମାନେ ଡାକ୍ତରଖାନାକୁ ଯିବା ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ଗେଟ୍ ନିକଟରେ ପାଣି ନିଷ୍କାସନ ପାଇଁ ପାଇପ୍ ବିଛାଯାଇ ବ୍ୟବସ୍ଥା ଗ୍ରହଣ କରାଯାଇଥିଲେ ସୁଦ୍ଧା ଡ୍ରେନେଜ୍ ବ୍ୟବସ୍ଥା ଖରାପ ଯୋଗୁ ପାଣି ନିଷ୍କାସନ ହୋଇ ନ ପାରି ସେହିଭଳି ଜମି ରହିଥିଲା। ଯାହାକୁ ନେଇ ସ୍ଥାନୀୟ ଯୁବକ ସଂଘ ଓ ଲୋକମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସ୍ଥାୟୀ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଫାଶୀ ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

ଯୋଡ଼ା, ୧୩।୪(ଡି.ଏନ.ଏ.)

ଯୋଡା ସହରସ୍ଥିତ ଆଜାଦ ବସ୍ତିଠାରେ ଶୁକ୍ରବାର ଜଣେ ବୃଦ୍ଧ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଶୁକ୍ରବାର ଅପରାହ୍ନ ୧ଟା ବେଳେ କାମେଶ୍ୱର ପ୍ରସାଦ ନାମକ ୬୨ ବର୍ଷୀୟ ଜଣେ ବୃଦ୍ଧ ତାଙ୍କ ବାସଭବନ ନିକଟସ୍ଥ କାର୍ଯ୍ୟାଳୟରେ ଭିତର ପାର୍ଶ୍ୱରୁ କବାଟ ବନ୍ଦ କରି ଏକ ପ୍ଲାଷ୍ଟିକ ଦଉଡିରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। କାମେଶ୍ୱର ତାଙ୍କ କାର୍ଯ୍ୟାଳୟରେ ଥିବାବେଳେ ପରିବାର ଲୋକେ ବହୁବାର ଫୋନରେ ଯୋଗାଯୋଗ କରିଥିଲେ। ହେଲେ କୌଣସି ପ୍ରତିଉତ୍ତର ନ ମିଳିବାରୁ ପରିବାର ଲୋକେ କାର୍ଯ୍ୟାଳୟକୁ ଯାଇଥିଲେ । କବାଟ ଖୋଲିବାରୁ କାମେଶ୍ୱର ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି ।

# 'ଚାଷୀ ବିରୋଧୀ ସରକାର ଗଠନ ନ ହେଉ'

କେନ୍ଦୁଝର, ୧୩।୪ (ସ୍ୱ.ପ୍ର.)

ଚାଷୀ ବିରୋଧୀ ଅତ୍ୟାଚାରୀ ସରକାର ଚାଷୀଙ୍କ ଭୋଟରେ ତିଆରି ନ ହେଉ। ଚାଷୀର ଦାବି ସରକାର ନ ଶୁଣିବା ଯାଏଁ ଭୋଟ ବନ୍ଦ ହେଉ । ଏଭଳି ଚେତାବନୀ ଦେଇଛନ୍ତି ନବ ନିର୍ମାଣ କୃଷକ ସଂଗଠନ। ଶନିବାର ସୁନ୍ଦରଗଡ ଜିଲାରୁ କେନ୍ଦୁଝର ଜିଲାରେ ପହଞ୍ଚିବା ପରେ ସଂଗ୍ରାମ କିଶୋରଙ୍କ ନେତୃତ୍ୱରେ ଚେତନା ଯାତ୍ରାକୁ ଭବ୍ୟ ସ୍ୱାଗତ କରାଯାଇଛି । ଏହି ଯାତ୍ରାରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ସଂଯୋଜକ ଶେଷଦେବ ନନ୍ଦ, ସହ ସଂଯୋଜକ ଉମାକାନ୍ତ ପ୍ରମୁଖ ସାମିଲ ଥିଲେ । ସମବେତ ଚାଷୀଙ୍କୁ ସମ୍ବୋଧିତ କରି ଅକ୍ଷୟ କହିଥିଲେ ଯେ, ବର୍ତ୍ତମାନ ସମୟରେ ଦେଶରେ ତଥାକଥିତ ଗଣତାନ୍ତ୍ରିକ ବ୍ୟବସ୍ଥା ଭୁଶୁଡ଼ି ପଡିଛି । ୭୨ ବର୍ଷ ପରେ ମଧ ତଳିତଳାନ୍ତ ହୋଇ ଆତ୍ମହତ୍ୟା କରୁଛି ଚାଷୀ। ଏଭଳି ପରିସ୍ଥିତିରେ ଅତ୍ୟାଚାରୀ ସରକାର ଗଠନ କରିବା ପରିବର୍ତ୍ତେ ଭୋଟ ବର୍ଜନ କରିବା ସହ ଭୋଟ ବାକ୍ସ ବସାଇବାକୁ ଦିଆନଯାଉ ବୋଲି ଆହ୍ୱାନ କରିଥିଲେ। ବିଜେଡି ଭୁବନେଶ୍ୱରକୁ ଗଲାବେଳେ ମନା କରୁଥିବା ବେଳେ ଏବେ ବିଜେଡିକୁ ଗାଁରେ ଅଟକାଉଛୁ ବୋଲି ବିଳାଶିନୀ ମହାନ୍ତ ଓ ଶ୍ୟାମସୁନ୍ଦର ମହାନ୍ତ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଜିଲା ସଂଯୋଜକ ଲକ୍ଷ୍ମୀଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ଚାଷୀ ଓ ଚାଷୀ ନେତା ସାମିଲ ହୋଇ ସରକାରଙ୍କ ମନମୁଖୀ କାର୍ଯ୍ୟକୁ ନିନ୍ଦା କରିଥିଲେ।

# ଅବକାରୀ ଚଢ଼ାଉ

ଆନନ୍ଦପୁର,୧୩।୪(ସ୍ୱ.ପ୍ର.)

ଆନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ଆନନ୍ଦପୁର ନିର୍ବାଚନମଣ୍ଡଳିର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବହୁଳ ପରିମାଣରେ ହାଣ୍ଡିଆ ଓ ମଦ ନଷ୍ଟ କରାଯାଇଛି। କେନ୍ଦୁଝର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମରେ ଅବକାରୀ ବିଭାଗର ଅଧିକାରୀ ଜଗନ୍ନାଥ ମିଶ୍ର ଏବଂ ସନ୍ତୋଷ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାସ୍ତାକଡରେ ବିକ୍ରି ହେଉଥିବା ହାଣ୍ଡିଆକୁ ନଷ୍ଟ କରାଯିବା ସହିତ ଚୋରାରେ ବିକ୍ରି ହେଉଥିବା ମଦ ଜବତ କରି ନଷ୍ଟ କରାଯାଇଥିଲା। ଏହିକ୍ରମରେ ଶନିବାର ଆନନ୍ଦପୁର ବ୍ଲକ ତରତରା ଛକ ନିକଟ ଆମ୍ବତୋଟାରେ ବିକ୍ରି ହେଉଥିବା ହାଣ୍ଡିଆକୁ ତଳେ ଢାଳିଦିଆଯିବା ସହିତ ପୁନର୍ବାର ବିକ୍ରି ନ କରିବାକୁ ଚେତାବନୀ ଦିଆଯାଇଥିଲା। ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରିବା ନିମନ୍ତେ ମଦର ବେଆଇନ୍ ଅବାଧ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଯାଇଛି।

# ଜଳଖଟୁଆରେ ବାସନ୍ତୀ ଦୁର୍ଗାପୂଜା ପାଳିତ

ବାହାନଗା, ୧୩।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଜଳଖଟୁଆ ଗ୍ରାମରେ ଚାଲିଛି ମା' ବାସନ୍ତୀ ଦୁର୍ଗାପୂଜା। ଶୁକ୍ରବାର ମା'ଙ୍କ ମହାଷ୍ଟମୀ ପୂଜା ଧୁମ୍‌ଧାମରେ ପାଳନ କରାଯାଇଛି। ଶନିବାର ମା'ଙ୍କ ମହାନବମୀ ପୂଜା ଅନୁଷ୍ଠିତ ହୋଇଛି। ସେଥିପାଇଁ ପୂଜା ମଣ୍ଡପରେ ବିଭିନ୍ନ ସର୍ତକତାମୂଳକ ପଦକ୍ଷେପ କମିଟି ତରଫରୁ ହାତକୁ ନିଆଯାଇଛି। ଗତ ବୁଧବାରଠାରୁ ମା'ଙ୍କ ବିଲ୍ୱାଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ମା'ଙ୍କ ଷଷ୍ଠୀ ପୂଜା ଆରମ୍ଭ ହୋଇଥିଲା। ସେହିପରି ଗୁରୁବାର ମା'ଙ୍କ ମହାସପ୍ତମୀ ପୂଜା ଅନୁଷ୍ଠିତ ହେବା ସହିତ ଘଟୋତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରାମର ମହିଳା ଓ ପୁରୁଷମାନେ ନିକଟସ୍ଥ ପୋଖରୀରୁ ଘଟୋତ୍ତୋଳନ କରିଥିଲେ। ୨ଦିନ ଧରି ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯାତ୍ରା ପରିବେଷଣ କରାଯାଇଥିଲା। ପୂଜାରେ କର୍ତ୍ତା ଭାବେ ଗ୍ରାମର କୈଳାସ ବାରିକ, ନାରାୟଣ ମହାରଣା, ବିଶ୍ୱରଞ୍ଜନ ବାରିକ ଓ ଅନିରୁଦ୍ଧ ବାରିକ ପ୍ରମୁଖ କାର୍ଯ୍ୟ ତୁଲାଉଛନ୍ତି। ସେହିପରି ପୂଜାରେ କୈଳାସ ଚନ୍ଦ୍ର ମିଶ୍ର, ରମାକାନ୍ତ ପତି, ନବକିଶୋର ପତି ପ୍ରମୁଖ ପଣ୍ଡିତ ଭାବେ କାର୍ଯ୍ୟ ତୁଲାଉଛନ୍ତି। ବାସନ୍ତୀ ଦୁର୍ଗାପୂଜାରେ ଗ୍ରାମର ପ୍ରଭାକର ଶଙ୍ଖୁଆ, ରାମଚନ୍ଦ୍ର ବାରିକ, ମାୟାଧର ମହାରଣା, ଶରତ, ପ୍ରଫୁଲ୍ଲ ମହାରଣା, ଅଭୟ ମହାରଣା, ଜୟନ୍ତ ଶଙ୍ଖୁଆ, କରୁଣାକର ଶଙ୍ଖୁଆ, ବସନ୍ତ ମହାରଣା, କମଳାକାନ୍ତ, ରମେଶ, ଯୋଗେନ୍ଦ୍ର ମହାରଣା, ମାନସ କୁମାର ବାରିକ୍ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ। ଏହି ପୂଜା ଗ୍ରାମରେ ୯ ବର୍ଷ ଧରି ହୋଇଆସୁଛି । ପୂର୍ବରୁ ଦୀର୍ଘ ୩୭ ବର୍ଷ ଧରି ଗ୍ରାମରେ ଏହି ଦିନ ଅଷ୍ଟପ୍ରହର ହୋଇଆସୁଥିଲା । କାଳକ୍ରମେ ଏହା ମା'ଙ୍କ ପୂଜାର ରୂପ ନେଇଥିଲା ।

## ପ୍ରଚାର ଲାଗି ବିଜୁ ଛାତ୍ର ଜନତା ଦଳର ପ୍ରସ୍ତୁତି


ବିଜୁ ଛାତ୍ର ଜନତା ଦଳର ନିର୍ବାଚନୀ ସଭା।

ପାଟଣା, ୧୩।୪ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀର ପାଟଣା ମୁଖ୍ୟାଳୟ ସ୍ଥିତ ବୈତରଣୀ ନଦୀକୂଳରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶନିବାର ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅୟୋଜିତ କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳର ସଭାପତି ବିପ୍ଳବ କୁମାର ପୃଷ୍ଟିଙ୍କ ଅଧକ୍ଷତାରେ ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ଯୋଗ ଦେଇ ଆଗାମୀ ସାଧାରଣ ନିର୍ବାଚନରେ ପୁଣିଥରେ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାର ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧରେ ପାଟଣା ବ୍ଲକ ବିଜୁ ଯୁବ ବାହିନୀ ସଭାପତି ଅବିନାଶ ଦାଶ, ପ୍ରୀତମ ପଣ୍ଡା, ଯୁବ ନେତା ପିଣ୍ଟୁ ଚକ୍ର , ପିଙ୍କୁ ଭଞ୍ଜ, ଜ୍ୟୋତି ରଞ୍ଜନ ଭଞ୍ଜ ପମୁଖ ଯୋଗ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ


ବିଭିନ୍ନ ବେଶରେ ଛାତ୍ରୀଛାତ୍ର।


ଯୋଡାରେ ରାମନବମୀ ପାଳନ ଶୋଭାଯାତ୍ରା।

ଆନନ୍ଦପୁର/ଚମ୍ପୁଆ, ୧୩।୪(ସ୍ୱ.ପ୍ର./ଡି.ଏନ.ଏ.)

ଘସିପୁରା ବ୍ଲକ ଅଳତୀ ସରସ୍ୱତୀ ଶିଶୁ ମନ୍ଦିର ଠାରେ ପ୍ରାତଃ ସମୟରୁ ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଗ୍ରାମରେ ଥିବା ହନୁମାନ ମନ୍ଦିର ଠାରେ ଧୂପ, ଦୀପ, ପୁଷ୍ପ, ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କ ବେଶରେ ସଜ୍ଜିତ ହେବା ଆକର୍ଷଣର ମୁଖ୍ୟ କେନ୍ଦ୍ରବିନ୍ଦୁ ସାଜିଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପକ୍ଷରୁ ଆଦିତ୍ୟ ନାୟକ, ପ୍ରଫୁଲ୍ଲ ବାରିକ, ହୃଦାନନ୍ଦ ମହାଳିକ, ଶୁଭ୍ରଜ୍ୟୋତି ଓଝା, ଟଙ୍କଧର ମାଝି, ଅନୁପମା ରାଉତ, ଆରତୀ ଲେଙ୍କା, ମଧୁସ୍ମିତା ରଣା, ଅମ୍ବିକା ବେହେରା, ବିଦ୍ୟୁତପ୍ରଭା ଓଝା, ସସ୍ମିତା ବେହେରା, ମମତା ରାଉତ, ଅର୍ଚ୍ଚନା ସେନାପତି, ଗିରିଜା ସାମଲଙ୍କ ସମେତ ଗୁରୁମା ଗୁରୁଜୀ ପ୍ରମୁଖ ସହଯୋଗ କରିଥିଲେ।

ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଶିଷ୍ଟ ପାଲା ଗାୟକ ଦେବେନ୍ଦ୍ର କୁମାର ଖିଲାର ଯୋଗ ଦେଇ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ବୃତ୍ତାନ୍ତ ଓ ଗୁଣ ମହିମା ବିଷୟରେ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ରାମାୟଣରେ ସାମାଜିକ ତତ୍ତ୍ୱ ପିତୃସତ୍ୟ ଓ ଧର୍ମ ସମ୍ବନ୍ଧୀୟରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ଉପସଭାପତି ଅରୁଣ କୁମାର ସାହୁ, କୁମୁଦିନୀ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଉତ୍ସବମୁଖର ଆନନ୍ଦପୁର

ଆନନ୍ଦପୁରର ବିଭିନ୍ନ ସ୍ଥାନରେ ରାମନବମୀ ପୂଜା ଧୁମ୍ ଧାମରେ ପାଳିତ ହେଉଛି। ରାମ,ସୀତା ଓ ଲକ୍ଷ୍ମଣଙ୍କ ମୃଣ୍ମୟ ପ୍ରତିମା ସ୍ଥାପନା କରାଯାଇ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଅନୁଷ୍ଠିତ ହେଉଛି। ଏଥିପାଇଁ କମିଟି ଗୁଡିକ ପକ୍ଷରୁ ପୂଜା ମଣ୍ଡପକୁ ସଜ୍ଜିତ କରାଯାଇଛି। ଶ୍ରଦ୍ଧାଳୁମାନଙ୍କର ପୂଜା ମଣ୍ଡପ ନିକଟରେ ଭିଡ ଲାଗିରହିଛି। ଆନନ୍ଦପୁର ବଡଦାଣ୍ଡ, ଫକୀରପୁର, ଘସିପୁରା ପ୍ରଭୃତି ବିଭିନ୍ନ ସ୍ଥାନରେ ରାମନବମୀ ପୂଜା ଅନୁଷ୍ଠିତ ହେଉଛି।

## ଶୋଭାଯାତ୍ରାରେ ୧୨ ଆଖଡ଼ା ଦଳ ସାମିଲ

ବଡବିଲ, ୧୩।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ ଶନିବାର ଶ୍ରୀରାମ ନବମୀ ଅବସରରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଛି। ବଡବିଲ ବଜାରସ୍ଥିତ ହନୁମାନ ମନ୍ଦିର କମିଟି ଦ୍ୱାରା ଆୟୋଜିତ ଏହି ଶୋଭାଯାତ୍ରାରେ ବଡବିଲ ଅଞ୍ଚଳର ମୋଟ ୧୨ଟି ଆଖଡା ଦଳ ସାମିଲ ହୋଇ ଆଖଡା ପ୍ରଦର୍ଶନ କରିଛନ୍ତି। ଶୋଭାଯାତ୍ରାରେ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ତାରାଚାନ୍ଦ ଶର୍ମା, ମଦନ ପ୍ରଜାପତି, ରାଜ କିଶୋର ଚୌରାସିଆ ଓ ଦିଲିପ ମିଶ୍ର ପ୍ରମୁଖ ସାମିଲ ହୋଇଥିବାବେଳେ କମିଟି ସଦସ୍ୟ ଦେବପ୍ରସାଦ ମିଶ୍ର, ପଦ୍ମଲୋଚନ ଦାସ, ଗିନ୍ଦର ସିଂ ଭାଟିଆ ଏବଂ ଜିତେନ୍ଦ୍ର ଝା ଶୋଭାଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଆଗକୁ ନିର୍ବାଚନ ଥିବାରୁ ଆଇନଶୃଙ୍ଖଳା ପରିସ୍ଥିତିକୁ ଆୟତ୍ତ କରିବାକୁ ପୋଲିସ ସଜାଗ ହୋଇରହିଥିଲା। ବଡବିଲ ବଜାରସ୍ଥିତ ହନୁମାନ ମନ୍ଦିରରୁ ବାହାରିଥିବା ଏହି ଶୋଭାଯାତ୍ରା ହସପିଟାଲ ଛକ, ମହାନ୍ତ ବସ୍ତି ଛକ, ଶ୍ରୀଜଗନ୍ନାଥ ମନ୍ଦିର, ପୁରୁଣା ବସଷ୍ଟାଣ୍ଡ, ବଜାର ମୁଖ୍ୟ ରାସ୍ତା, ସିନେମା ହଲ ଛକ ଦେଇ ବିକାଶ ମହଲଠାରେ ପହଞ୍ଚିଥିବା ଜଣାପଡିଛି। ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ସୁସଜ୍ଜିତ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିବା କୁନିକୁନି ଶିଶୁ କଳାକାର ଦେଖଣାହାରୀଙ୍କୁ ଆକୃଷ୍ଟ କରିଥିବା ଜଣାପଡିଛି। ସନ୍ଧ୍ୟାରେ ବିକାଶ ମହଲଠାରେ ସମସ୍ତ ଆଖଡା ଦଳ ମଧ୍ୟରେ ଆଖଡା ପ୍ରତିଯୋଗିତା କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।

## ପାରମ୍ପରିକ ଝଲକରେ ଯୋଡ଼ା

ଯୋଡ଼ା, ୧୩।୪(ଡି.ଏନ.ଏ.)

ଯୋଡା ସହରରେ ରାମ ନବମୀ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଯୋଡାର ପୋଷ୍ଟ ଅଫିସ ନିକଟ ଓ ଷ୍ଟେଟ୍ ବ୍ୟାଙ୍କ ଛକ ହନୁମାନ ମନ୍ଦିର କମିଟି ପକ୍ଷରୁ ଶନିବାର ଅପରାହ୍ନ ୪ଟା ସମୟରେ ଶ୍ରଦ୍ଧାଳୁମାନେ ଏକ ବିରାଟ ପଟୁଆରରେ ବାହାରି ସହର ପରିକ୍ରମା କରିଥିଲେ । ପରିକ୍ରମାରେ ବିଭିନ୍ନ ବେଶ ପୋଷାକ ପରିଧାନ କରି ଅସ୍ତ୍ରଶସ୍ତ୍ର ଓ ପାରମ୍ପାରିକ ଲାଠି ଧରି ନିଜ ନିଜର ଖେଳ , କଳାକୌଶଳ ପ୍ରଦର୍ଶନ କରିଥିଲେ। ଶ୍ରଦ୍ଧାଳୁମାନେ ବିଭିନ୍ନସ୍ଥାନରେ ବଡ ବଡ ଧ୍ୱଜା ସ୍ଥାପନ କରିଥିଲେ । ରଥାରୁଢରେ ସୁସଜ୍ଜିତ ହୋଇଥିବା ଶ୍ରୀରାମ , ଲକ୍ଷ୍ମଣ ଓ ସୀତାଙ୍କ ବେଶ ଏହି ଶୋଭାଯାତ୍ରାରେ ବିଶେଷ ଆକର୍ଷଣ ଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ, ସରବତ ଓ ପଣା ବଣ୍ଟନର ବ୍ୟବସ୍ଥା କରାଯାଇଥିଲା । ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



